## ଏମ୍ଆଇ ଅଧିନାୟକ ହେଲେ ଜସପ୍ରିତ ବୁମ୍ରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୧୦୪ ● ୧୫ ମଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-104 ● 15th May 2026, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ମୁଖ୍ୟମନ୍ତ୍ରୀଙ୍କ ଆଇନ ଶୃଙ୍ଖଳା ସମୀକ୍ଷା

# ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୪।୫**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସନ୍ଧ୍ୟାରେ ରାଜ୍ୟ ପ୍ରଶାସନ, ପୋଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍.ପିମାନଙ୍କ ସହିତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୋଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇ କହିଛନ୍ତି ଯେ, ରାଜ୍ୟ ପୋଲିସ ଏଭଳି ପଦକ୍ଷେପ ନେଉ ଯାହାଦ୍ୱାରା ପୋଲିସ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ସହିତ ଅପରାଧୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିପାରିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୋଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ ବୋଲି ସେ କହିଥିଲେ। ଯେ କୌଣସି ଅପରାଧିକ କାର୍ଯ୍ୟକଳାପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପୋଲିସ ପ୍ରଶାସନ ପାଇଁ (ପୃଷ୍ଠା ୭ରେ)



**କ୍ରାଇମ୍ ମ୍ୟାପିଂ, ଗୁଇନ୍ଦା ତଥ୍ୟ, କଡ଼ାକଡ଼ି ହେବ ପାଟ୍ରୋଲିଂ, ଆଗୁଆ ପଦକ୍ଷେପ ଉପରେ ଗୁରୁତ୍ୱ**

# ଓଡ଼ିଶା ସମେତ ୧୬ ରାଜ୍ୟରେ ହେବ ଏସ୍ଆଇଆର

**ନୂଆଦିଲ୍ଲୀ, ୧୪।୫**

ଓଡ଼ିଶା ସମେତ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକା ଅପଡେଟ୍ କରିବାର ପ୍ରକ୍ରିୟା ସ୍ୱତନ୍ତ୍ର ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍.ଆଇ.ଆର) କରିବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି। ଏସ୍.ଆଇ.ଆରର ପ୍ରଥମ ଦୁଇଟି ପର୍ଯ୍ୟାୟରେ ୧୩ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପ୍ରାୟ ୫୯ କୋଟି ଭୋଟର ଅଂଶ ଗ୍ରହଣ କରିଥିଲେ। ତୃତୀୟ ପର୍ଯ୍ୟାୟ ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖ ବ୍ୟତୀତ ସମଗ୍ର ଦେଶକୁ କଭର କରିବ।

ମତଦାତା ସୂଚୀକୁ ଅପଡେଟ୍ କରିବାକୁ ୩୯୪ ଲକ୍ଷରୁ ଅଧିକ ବୁଥ୍ ସ୍ତରୀୟ ଅଧିକାରୀ (ବି.ଏଲ୍.ଓ.) ଘର ଘର ଯାଇ ୩୬.୭୩ କୋଟି ଭୋଟରଙ୍କୁ ଭେଟିବେ। ସେମାନଙ୍କୁ ୩ ଲକ୍ଷ ୪୨ ହଜାର ବୁଥ୍ ସ୍ତରୀୟ ଏଜେଣ୍ଟ (ବି.ଏଲ.ଏ.) ସହାୟତା (ପୃଷ୍ଠା ୭ରେ)




# ରାଜ୍ୟରେ ଯଥେଷ୍ଟ ପରିମାଣରେ ତେଲ ମହଜୁଦ୍ ଅଛି

**ଭୁବନେଶ୍ୱର, ୧୪।୫**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ତେଲ ସଙ୍କଟ ନାହିଁ। ପେଟ୍ରୋଲ ଓ ଡିଜେଲ ଯଥେଷ୍ଟ ମହଜୁଦ ରହିଛି। ତେଣୁ ଭୟଭୀତ ହୋଇ ଆଦୌ ତେଲ କିଣନ୍ତୁ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଣ ବିଭାଗ ସଚିବ ସଞ୍ଜୟ ସିଂ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଥିବା ୨୮ ଶହ ପେଟ୍ରୋଲ ପମ୍ପରୁ ମାତ୍ର ୨୦ରୁ ୩୦ଟି ତେଲ ଟାଙ୍କିରେ ତେଲ ସରିଯାଇଛି। କିଛି ପେଟ୍ରୋଲ ପମ୍ପ ମାଲିକ ଟଙ୍କା ଡିପୋଜିଟ୍ କରୁନଥିବାରୁ ସେମାନଙ୍କୁ ତେଲ ମିଳିନଥିବ। ଖୁବ୍ ଶୀଘ୍ର ରାଜ୍ୟର ସମସ୍ତ ଟାଙ୍କିରେ ତେଲ ପହଞ୍ଚିବ ବୋଲି ଯୋଗାଣ ବିଭାଗ ପ୍ରମୁଖ ସଚିବ ସଂଜୟ ସିଂ କହିଛନ୍ତି।

ଡ୍ରାଏ ଆଉଟ ସ୍ଥିତି (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- ବରଗଡ଼ରେ ଗଞ୍ଜେଇ ମାଫିଆ ସହ ପୁଲିସ ସମ୍ପର୍କ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ।
- ଅନେକ ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲ ଅଭାବ, ପମ୍ପ ଆଗରେ ଲମ୍ବା ଲାଇନ୍।
- ଇନ୍ଧନ ସଂକଟ ଯୋଗୁଁ ପେଟ୍ରୋଲ ଓ ଡିଜେଲ ବ୍ୟବହାର ଉପରେ କଟକଣା ଆସିପାରେ।
- ଭାରତୀୟ ନୌସେନା ପାଇଁ ମାଇନ୍ କାଉଣ୍ଟର ମେଜର ସୁଇଟ୍ ନିର୍ମାଣରେ ଏଲ୍ ଏଣ୍ଡ ଟିର ଫ୍ରାନ୍ସ କମ୍ପାନୀ ସହ ଚୁକ୍ତି।
- ଦିଲ୍ଲୀରେ ଚଳନ୍ତି ବସ୍ ଭିତରେ ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ, ୨ ଗିରଫ।
- ଶିବରାଜ ଚୌହାନ ଲେଖିଲେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ପୁସ୍ତକ।
- ଜମି ଜବରଦଖଲ ଏବଂ ଦାଦାବଟି ମାମଲାରେ ଇଡି ସମ୍ମୁଖରେ ହାଜର ହେଲେ କୋଲକାତା ପୋଲିସ ଡିସିପି ।
- ଗୁଜୁରାଟର ରାଜକୋଟରେ ରାଜପଥରେ ବସରେ ନିଆଁ ଲାଗିବାରୁ ୪ ଯାତ୍ରୀ ଜୀବନ୍ତ ଦଗ୍ଧ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୨୩୩ (+୩୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୮୦ (+୩୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୧୭୫ (+୨୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୦୦ (-୨୦)

## ।।। ସଚିବସ୍ତରୀୟ ବୈଠକ ।।।

# ଶୀଘ୍ର ଅନୁପାଳନ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୧୪।୫**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗୁରୁବାର ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ଥ ବିଭାଗ ପକ୍ଷରୁ ଗତ ଅପ୍ରେଲ ମାସ ଶେଷ ସୁଦ୍ଧା ବିଭିନ୍ନ ବିଭାଗର ବ୍ୟୟ ସମେତ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ଭିତ୍ତିଭୂମି କ୍ଷେତ୍ର, ସାମାଜିକ, କୃଷି ଓ ଉଦୀୟମାନ କ୍ଷେତ୍ରରେ ବ୍ୟୟ ସ୍ଥିତି ଅନୁଧ୍ୟାନ କରାଯାଇ କାର୍ଯ୍ୟ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ୍‌ରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି, ତାହାକୁ ଅଗ୍ରାଧିକାର ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ମୁଖ୍ୟମନ୍ତ୍ରୀ ଦେଇଥିବା ବିଭିନ୍ନ ବିଭାଗ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପର୍ଯ୍ୟବେକ୍ଷଣ ସଂପର୍କିତ ପତ୍ର (ୟୁଓଆଇ ନୋଟ)ର କାର୍ଯ୍ୟାନୁଷ୍ଠାନ ସଂପର୍କରେ ବୈଠକରେ ସମୀକ୍ଷା କରାଯାଇ ଉତ୍ତର ଅପେକ୍ଷାରେ ଥିବା (ପୃଷ୍ଠା ୭ରେ)

# କାଳବୈଶାଖୀର ମହାତାଣ୍ଡବ : ଶତାଧିକ ମୃତ



**ନୂଆଦିଲ୍ଲୀ, ୧୪।୫**

ଉତ୍ତରପ୍ରଦେଶରେ ଦେଖାଯାଇଛି କାଳବୈଶାଖୀର ମହାତାଣ୍ଡବ। ଏଥିରେ ପ୍ରାୟ ୧୦୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମଧ୍ୟ ସାମ୍ନାକୁ ଆସିଛି। ଏହାସହ ସରକାରଙ୍କ ପକ୍ଷରୁ ତୁରନ୍ତ ୪ ଲକ୍ଷ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାଳ-ବୈଶାଖୀ ତାଣ୍ଡବର ଅନେକ ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲିଛି। ଯାହାକୁ ଦେଖିଲେ ଭୟ ମଧ୍ୟ ଲାଗୁଛି। କାରଣ ଏଥିରେ ବଡ ବଡ ଗଛ ଭାଙ୍ଗିବା ସହ ମଣିଷକୁ ମଧ୍ୟ ପବନ ଅନେକ ଉଚ୍ଚ ସ୍ଥାନକୁ ଉଡ଼ାଇ ନେଇ ଫୋପାଡ଼ି ଦେଉଥିବା ଦେଖାଯାଇଛି।

ଉତ୍ତର ପ୍ରଦେଶରେ ଭୟଙ୍କର ଘୂର୍ଣ୍ଣିଝଡ଼ରେ ଅନେକଙ୍କ ମୃତ୍ୟୁ ଘଟିଛି। ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି ଏବଂ ମାଟି ଘରଗୁଡ଼ିକ ଭୁଶୁଡି ପଡ଼ିଛି। ଉତ୍ତର ପ୍ରଦେଶରେ ଘର କାନ୍ଥ ଭୁଶୁଡ଼ି ପଡ଼ିବାର ଅନେକ ଘଟଣା ଘଟିଛି, ଯାହା ଫଳରେ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇଯାଇଛନ୍ତି। ଝଡ଼ ଯୋଗୁଁ ଉତ୍ତର ପ୍ରଦେଶର ବିଭିନ୍ନ ଜିଲ୍ଲାରେ (ପୃଷ୍ଠା ୭ରେ)

# ନିଟ୍ ପେପର ଲିକ୍ ଘଟଣାରେ ଆଉ ୨ ଗିରଫ

**ନୂଆଦିଲ୍ଲୀ, ୧୪।୫**

ନିଟ୍ ୟୁଜି-୨୦୨୬ ପରୀକ୍ଷାରେ ଅନିୟମିତତା ଓ ପେପର ଲିକ୍ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଆଉ ୨ଜଣଙ୍କୁ ଗିରଫ କରିଛି। ମୋଟ ଗିରଫଦାରୀଙ୍କ ସଂଖ୍ୟା ୭କୁ ବଢ଼ିଲା। ଏହି ୨ଜଣଙ୍କୁ ମହାରାଷ୍ଟ୍ରରୁ ଉଠାଇ ନେଇଛି ସିବିଆଇ। ୨୪ ଘଣ୍ଟାଭିତରେ ସାରା ଦେଶରେ ୧୪ଟି ସ୍ଥାନରେ ରେଡ୍ କରିଛି। ବୁଧବାର ଏହି ଘଟଣାରେ ୫ଜଣଙ୍କୁ ଗିରଫ କରିଥିଲା ସିବିଆଇ। ଘଟଣାରେ ସମ୍ପୃକ୍ତ ରହିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ସିବିଆଇ। ଚଢ଼ଉ ସମୟରେ ମୋବାଇଲ୍ ଫୋନ୍ ସମେତ ଅପରାଧିକ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ ଉପକରଣ(ପୃଷ୍ଠା ୭ରେ)

# ହର୍ମୁଜ ପାର୍ କଲା ଏଲପିଜି ଜାହାଜ : ଆସୁଛି ୩୪ ଲକ୍ଷ ସିଲିଣ୍ଡର

**ନୂଆଦିଲ୍ଲୀ, ୧୪।୫**

ବିଶ୍ୱ ବଜାରରେ ଏଲପିଜି ସଙ୍କଟ ଏବଂ ମଧ୍ୟ-ପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତୀୟ ଗ୍ରାହକଙ୍କ ପାଇଁ ଦୁଇଟି ବଡ଼ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଶକ୍ତି ନିରାପତ୍ତା କ୍ଷେତ୍ରରେ ଭାରତ ଏକ ବଡ଼ ସଫଳତା ହାସଲ କରିଥିବା ବେଳେ ଗ୍ୟାସ ସିଲିଣ୍ଡର ଦରକୁ ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଏଏନଆଇର ସୂଚନା ଅନୁଯାୟୀ, ଭାରତ ଆସୁଥିବା ଏଲପିଜି ଟ୍ୟାଙ୍କର 'ଏମଭି ସନସାଇନ୍' ବିଶ୍ୱର ସବୁଠାରୁ ସମ୍ବେଦନଶୀଳ ସାମୁଦ୍ରିକ ପଥ 'ହାର୍ମୁଜ ପ୍ରଣାଳୀ'କୁ ସଫଳତାର ସହ ଅତିକ୍ରମ କରିଛି।

ଏହି ଜାହାଜରେ ପ୍ରାୟ ୪୮,୪୫୬ ଟନ୍ ଏଲପିଜି ରହିଛି। ଯଦି ଏହାକୁ ସାଧାରଣ ସିଲିଣ୍ଡରରେ ହିସାବ କରାଯାଏ, ତେବେ ଏହା ପ୍ରାୟ ୩୪ ଲକ୍ଷ ସିଲିଣ୍ଡର ସହ ସମାନ। ମିଡିଆ ରିପୋର୍ଟ ଅନୁଯାୟୀ, ଏହି ଜାହାଜ ଆସନ୍ତା ମେ ୧୮ ସୁଦ୍ଧା ଭାରତୀୟ ସୀମାରେ ପହଞ୍ଚିବାର ଆଶା କରାଯାଉଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା(ପୃଷ୍ଠା ୭ରେ)



# ୟୁକ୍ରେନ ଉପରେ କ୍ଷେପଣାସ୍ତ୍ର ମାଡ଼ : ୧୪ ମୃତ

**କିଭ୍, ୧୪।୫**

ରୁଷ୍ ୟୁକ୍ରେନରେ ଏକ ବଡ଼ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ବୁଧବାର ସକାଳ ଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଆକ୍ରମଣ କରି ରୁଷ ତାଣ୍ଡବ ରଚାଇଛି। ଏହି ଆକ୍ରମଣରେ ଅତି କମ୍‌ରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୮୦ ରୁ ଅଧିକ ସାଧାରଣ ନାଗରିକ ଆହତ ହୋଇଛନ୍ତି। ରାଜଧାନୀ କିଭ୍‌ରେ ରୁଷ୍ ଆକ୍ରମଣ ଯୋଗୁଁ ଏକ ଆବାସିକ କୋଠା ଭୁଶୁଡ଼ି ପଡ଼ିଛି। ଭଗ୍ନାବଶେଷ ତଳେ ଫସି ରହିଥିବା ଦଶ ଜଣଙ୍କୁ ଉଦ୍ଧାର କରାଯାଇଛି। ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି ଏବଂ ୧୬ ଜଣ ଆହତ ହୋଇଛନ୍ତି।

ପ୍ରାୟ ୧ଟା ସମୟରେ, ୟୁକ୍ରେନୀୟ ବାୟୁସେନା ଏକ ଦେଶ (ପୃଷ୍ଠା ୭ରେ)

# ସରକାରଙ୍କ ୨ୟ ବର୍ଷ ପୂର୍ତ୍ତି ଉତ୍ସବ ନିରାଡ଼ମ୍ବର ହେବ

## ଯୋଗଦେଇ ପାରନ୍ତି ପ୍ରଧାନମନ୍ତ୍ରୀ



**ଭୁବନେଶ୍ୱର, ୧୪।୫**
**ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ (ପୃଷ୍ଠା ୭ରେ)

ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବ ଜୁନ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ପାଳନ ହେବ। ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇପାରନ୍ତି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମୁଖ୍ୟମନ୍ତ୍ରୀଙ୍କ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ଏହି ସୂଚନା ଦେଇ କହିଛନ୍ତି ଖର୍ଚ୍ଚ ଯୁକ୍ତ ନୁହେଁ ଖର୍ଚ୍ଚ କାଟ୍ ହେବ। କେବଳ ସାଂକେତିକ ଭାବେ ରାଜ୍ୟ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପାଳନ ହେବ। ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେବାକୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ପୋଲିସି ଭାଇ ଭଉଣୀ ଅଙ୍କଲ
ମଉସା ମାଉସୀ ଅଜା
ଫିଟ୍‌ଫାଟ୍ ରହି ଧାଁ ଦୌଡ଼ କରି
ରଖ ନିଜଦେହ ତାଜା
ବଜେଇ ସାଇରନ୍ ବାଜା
ଅପରାଧ ହେବା ଆଗରୁ ପହଞ୍ଚି
ହୁଅ ଜନମନ ରାଜା!!

# ପୃଥିବୀର ଅତି ନିକଟ ଦେଇ ଅତିକ୍ରମ କରିବ ବିରାଟକାୟ ଆଷ୍ଟେରଏଡ୍



**ନୂଆଦିଲ୍ଲୀ, ୧୪।୫**

ମହାକାଶରୁ ପୃଥିବୀବାସୀଙ୍କ ପାଇଁ ଏକ ଚିନ୍ତାଜନକ ତଥା ଚମତ୍କାର ଖବର ସାମ୍ନାକୁ ଆସିଛି। ଆସନ୍ତା ସପ୍ତାହରେ ଏକ ବିଶାଳକାୟ ଆଷ୍ଟେରଏଡ୍ ବା ଗ୍ରହାଣୁ ପୃଥିବୀର ଅତି ନିକଟ ଦେଇ ଗତି କରିବାକୁ ଯାଉଛି। ବୈଜ୍ଞାନିକମାନେ ଏହାର ନାଁ '୨୦୨୬ ଜେଏଚ୨' ରଖିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହା ଚନ୍ଦ୍ର ଏବଂ ପୃଥିବୀ ମଧ୍ୟରେ ଥିବା ଦୂରତାଠାରୁ ମଧ୍ୟ ଅଧିକ ନିକଟତର ହୋଇ ଅତିକ୍ରମ କରିବ।

ମହାକାଶ ବିଜ୍ଞାନୀଙ୍କ ଗଣନା ଅନୁଯାୟୀ, ଏହି ଆଷ୍ଟେରଏଡ୍ ପୃଥିବୀଠାରୁ ମାତ୍ର ୯୦,୯୧୭ କିଲୋମିଟର ଦୂରତାରେ ଗତି କରିବ। ଯଦି ଆମେ ଚନ୍ଦ୍ରର ଦୂରତା ସହ ଏହାକୁ ତୁଳନା କରିବା, ତେବେ ଚନ୍ଦ୍ର ପୃଥିବୀ ଠାରୁ ପ୍ରାୟ ୩,୮୪,୦୦୦ କିଲୋମିଟର ଦୂରରେ ଅଛି। ଅର୍ଥାତ୍ ଏହି ଗ୍ରହାଣୁ ଚନ୍ଦ୍ର ତୁଳନାରେ ଚାରିଗୁଣ ଅଧିକ ପାଖକୁ ଆସିବ। ମହାକାଶ ବିଜ୍ଞାନୀ ମାର୍କ ନୋରିସ୍‌ଙ୍କ କହିବା ଅନୁଯାୟୀ, ମହାକାଶରେ ଏତେ ନିକଟତର ହୋଇ ଗତି କରିବା ଏକ ବିରଳ ଘଟଣା, କିନ୍ତୁ ୯୦,୦୦୦ କିଲୋମିଟର ଏକ ସୁରକ୍ଷିତ ଦୂରତା ହୋଇଥିବାରୁ ପୃଥିବୀ ସହ ଧକ୍କା ହେବାର କୌଣସି ସମ୍ଭାବନା ନାହିଁ।

ଏହି ଆଷ୍ଟେରଏଡ୍‌ଟିକୁ କିଛି ଦିନ ପୂର୍ବରୁ ଆମେରିକାର କାନସାସ୍ ଏବଂ ଆରିଜୋନା ସ୍ଥିତ ସ୍ପେସ୍ ଅବଜର୍ଭେଟୋରୀର ବୈଜ୍ଞାନିକ ମାନେ ଚିହ୍ନଟ କରିଛନ୍ତି। ଏପର୍ଯ୍ୟନ୍ତ ଏହାକୁ ୨୪ ଥର ଟ୍ରାକ୍ କରାଯାଇସାରିଛି। ଏହା ଏକ 'ଅପୋଲୋ କ୍ଲାସ୍' ଆଷ୍ଟେରଏଡ୍, ଯାହାର ଅର୍ଥ ହେଉଛି ଏହାର କକ୍ଷ (ପୃଷ୍ଠା ୭ରେ)



32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୫ ମଇ ୨୦୨୬ ଶୁକ୍ରବାର





### କେନ୍ଦୁଝରରେ ଜିଲ୍ଲାସ୍ତରୀୟ “ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା” କାର୍ଯ୍ୟକ୍ରମ

# ସାମୁହିକ ବିବାହ ଉତ୍ସବରେ ପଡ଼ିଲା ୩୯ଜଣ ନବଦମ୍ପତିଙ୍କ ହାତ ଗଣ୍ଠି



**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ କାର୍ଯ୍ୟକାରୀ ସଂସ୍ଥା ‘ଇଣ୍ଡିଆନ୍ ବାଏ ବାର୍ଥ’, କେନ୍ଦୁଝରର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମ କେନ୍ଦୁଝର ଶଙ୍କରପୁର ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଅତି ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତିମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏ, ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଡାକ୍ତର ପ୍ରିୟଙ୍କା ମାରାଣ୍ଡି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜର ଅନଗ୍ରସର ବର୍ଗର ଲୋକଙ୍କର ବିବାହ ସମ୍ବନ୍ଧୀୟ ଆର୍ଥିକ ବୋଝ ହ୍ରାସ କରିବା ସହିତ ମହିଳାଙ୍କ ସ୍ୱାଭିମାନ ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଏହି ଯୋଜନା ଅତ୍ୟନ୍ତ ଲୋକପ୍ରିୟ ହୋଇଛି। ଏହା ବିଧବା ପୁନର୍ବିବାହକୁ ପ୍ରୋତ୍ସାହନ ଦେବା ସହିତ ଯୌତୁକ ପ୍ରଥା ନିରାକରଣ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଉଭା ହୋଇଛି। ଏହି ଯୋଜନା ଅନୁସାରେ ଝିଅଙ୍କ ବୟସ ୧୮ ରୁ ୩୫ ବର୍ଷ ଓ ପୁଅଙ୍କ ବୟସ ୨୧ ରୁ ୩୫ ବର୍ଷ ହୋଇଥିବା ପ୍ରାର୍ଥୀମାନେ ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ସେଥିରୁ ୩୮ ଜଣ ବର–କନ୍ୟା ଯୋଡ଼ି ଏହି କାର୍ଯ୍ୟକ୍ରମରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କ ବ୍ୟାଙ୍କ ଖାତାରେ ୪୫,୦୦୦ ଟଙ୍କା ଜମା କରାଯିବା ସହିତ ମୋଟ୍ ୬୦,୦୦୦ ଟଙ୍କା ବ୍ୟୟରେ ଏକ ବିବାହ ସମ୍ପନ୍ନ କରାଯାଇଛି। ଏହି ବିବାହ କାର୍ଯ୍ୟକ୍ରମ ନାରୀ ସଶକ୍ତିକରଣ ଓ ସାମାଜିକ ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ମତ ପ୍ରକାଶ କରିବା ସହ ନବଦମ୍ପତି ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ ଇଣ୍ଡିଆନ ବାଏ ବାର୍ଥର ପ୍ରତିଷ୍ଠାତା ସୁନୀଲ କୁମାର ବେହେରା, ସହ ପ୍ରତିଷ୍ଠାତା ଇଂ ସତ୍ୟରଞ୍ଜନ ସାହୁ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ। ପରିଶେଷରେ ଉପମୁଖ୍ୟମନ୍ତ୍ରୀ ସମସ୍ତ ନବଦମ୍ପତିଙ୍କ ସହ ଏକ ସାମୁହିକ ଫୋଟୋ ଉତ୍ତୋଳନ କରି ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିଥିଲେ।

# ଡ୍ରେନ୍ ପାଲଟିଛି ବାଧକ:ଜବରଦଖଲରେ ସଂକୁଚିତ ହେଉଛି ରାସ୍ତା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଷେଣ୍ଢପୁର–ଧାମନଗର ମୁଖ୍ୟ ରାସ୍ତାର ଦୋବଲ ବସ୍ଷ୍ଟାଣ୍ଡ ଠାରୁ କାଳୀବଜାର ପର୍ଯ୍ୟନ୍ତ ଲମ୍ବିଥିବା ଅଂଶରେ ଏବେ ଯାତାୟାତ ପାଇଁ ନାହିଁନଥିବା ଅସୁବିଧା ସୃଷ୍ଟି ହୋଇଛି। ପ୍ରାୟ ୮୦୦ ମିଟର ଲମ୍ବର ଏହି ରାସ୍ତାର ଡାହାଣ ପଟେ ନିର୍ମାଣ ହୋଇଥିବା କଂକ୍ରିଟ୍ ଡ୍ରେନ୍ ଏବେ ସ୍ଥାନୀୟ ଲୋକ ଓ ପଥଚାରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଡ୍ରେନ୍ ନିର୍ମାଣରେ ତ୍ରୁଟି ଏବଂ ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କ ଦ୍ୱାରା ହୋଇଥିବା ସ୍ଲୋପିଂ ଯୋଗୁଁ ପ୍ରାୟ ୩୦ ଫୁଟ୍ ଚଉଡ଼ାର ରାସ୍ତା ଏବେ ସଂକୁଚିତ ହୋଇ ମାତ୍ର ୨୦ ଫୁଟ୍ରେ ସୀମିତ ହୋଇଯାଇଛି। କିଛି ମାସ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ରାସ୍ତାର ଡାହାଣ ପାର୍ଶ୍ୱରେ ପ୍ରାୟ ୪ ଫୁଟ୍ ଚଉଡ଼ାର ଏକ କଂକ୍ରିଟ ଡ୍ରେନ୍ ନିର୍ମାଣ କରାଯାଇଛି। ମାତ୍ର ଏହି ଡ୍ରେନ୍ର ଉପର ଭାଗ ମୁଖ୍ୟ ରାସ୍ତା ଠାରୁ ପ୍ରାୟ ୭ ଇଞ୍ଚ ଉଚ୍ଚା ରହିଛି। ଏହି ଅହେତୁକ ଉଚ୍ଚତା ଯୋଗୁଁ ଡ୍ରେନ୍ଟି ରାସ୍ତା କଡ଼ରେ ଏକ ବ୍ୟାରିକେଡ ଭଳି ଛିଡ଼ା ହୋଇଛି। ଯାହାଫଳରେ ଗାଡ଼ିମୋଟର ରାସ୍ତା କଡ଼କୁ ଯାଇପାରୁନାହିଁ। ଦୋକାନୀ ଓ ଦୋକାନକୁ ଆସୁଥିବା ଗ୍ରାହକ ଡ୍ରେନ୍ ଏପଟେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ଖାଲି ଏତିକି ନୁହେଁ, ଡ୍ରେନ୍ ଉଚ୍ଚା ହୋଇଥିବାରୁ ଡାହାଣ ପଟେ ଥିବା ଦୋକାନୀମାନେ ନିଜ ନିଜ ଦୋକାନକୁ ଗାଡ଼ି କିମ୍ବା ମାଲପତ୍ର ନେବା ପାଇଁ ଅସୁବିଧାରେ ପଡୁଥିଲେ। ଏଥିରୁ ରକ୍ଷା ପାଇବା ଲାଗି ସେମାନେ ରାସ୍ତା ଉପରୁ ଡ୍ରେନ୍ ପର୍ଯ୍ୟନ୍ତ ସିମେଣ୍ଟର ‘ସ୍ଲୋପିଂ’ କରିଦେଇଛନ୍ତି। ଏହି ସ୍ଲୋପିଂ ପାଇଁ ରାସ୍ତାର ମୁଖ୍ୟ ଅଂଶରୁ ଆଉ ୧ ରୁ ୨ ହାତ ପର୍ଯ୍ୟନ୍ତ ଜାଗା ନଷ୍ଟ ହେଉଛି। ଫଳସ୍ୱରୂପ, ବସ୍ଷ୍ଟାଣ୍ଡ ଠାରୁ କାଳୀବଜାର ଓ ଯଜ୍ଞ ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ପ୍ରାୟ ୮ ରୁ ୯ ଫୁଟ୍ ସଂକୁଚିତ ହୋଇଯାଇଛି। ବସ୍ଷ୍ଟାଣ୍ଡ ପାଖରୁ କାଳୀବଜାର ମଝିରେ ପ୍ରାୟ ୨୫୦ଟି ଦୋକାନ ରହିଛି। ତାଭିତରେ ୧୦ରୁ ଅଧିକ ଗ୍ରୋସରୀ ଦୋକାନ, ୩ରୁ ଅଧିକ ମାଲ୍ ଗୋଦାମ୍, ୩ଟି ଲୁହା, ସିମେଣ୍ଟ, ରଡ୍, ଚିପ୍ସ ଓ ଟାଇଲ୍ ଦୋକାନ ରହିଛି। ଅନେକଗୁଡ଼ିଏ ପାନ୍ ଦୋକାନ ଓ ଚା ଜଳଖିଆ ଦୋକାନ ଅଛି। ଏସବୁ ଦୋକାନରେ ସବୁବେଳେ ଲୋକଙ୍କ କାରବାର ଥାଏ। ଯିବା ଆସିବା ଲାଗି ରହିଥାଏ। ଗ୍ରୋସରୀ ମାଲଗୋଦାମର ମାଲିକମାନେ ବାହାର ରାଜ୍ୟରୁ ମାଲ୍ ଆଣୁଥିବାରୁ ଦିନ ସମୟରେ ମାଲ୍ ଅନ୍ଲୋଡିଂ କରିଥାନ୍ତି। ରାସ୍ତା ଉପରେ ୮ ଫୁଟ୍ ଚଉଡ଼ାର ମାଲ୍ ବୋଝେଇ ଟ୍ରକ୍ ଛିଡ଼ା ହେବାରୁ ରାସ୍ତା ଜାମ୍ ହୋଇଥାଏ। ସେହିପରି ମାର୍ବଲ୍, ସିମେଣ୍ଟ ରଡ଼ ଦୋକାନରେ ବି ମାଲ୍ ଲୋଡିଂ ଅନ୍ଲୋଡ଼ିଂ ପାଇଁ ସମୟ ଲାଗୁଥିବାରୁ ରାସ୍ତା ଉପରେ ଗାଡ଼ି ଛିଡ଼ା ହୋଇ ରହେ। ଟ୍ରାଫିକ୍ ସମସ୍ୟା ଉପୁଜିଥାଏ। ସେହିଭଳି ୨ରୁ ୩ଟି ଗାଡ଼ି ସର୍ଭିସିଂ ଦୋକାନୀ ଡ୍ରେନ୍ କାରଣରୁ ରାସ୍ତା ଉପରେ ହିଁ ଗାଡ଼ି ଧୁଆଧୋଇ କରୁଛନ୍ତି। ଏହି କାରଣରୁ ରାସ୍ତାରେ ଅଧିକାଂଶ ସମୟରେ ପାଣି ଜମୁଛି। ରାସ୍ତା ସଂକୁଚିତ ହେବାରୁ ବିପରୀତ ଦିଗରୁ ଦୁଇଟି ବଡ଼ ଗାଡ଼ି ଆସିଲେ ପାର୍ଶ୍ୱ ଦେଇ ଯିବା ପାଇଁ ଜାଗା ନାହିଁ। ଏହି କାରଣରୁ ଛୋଟବଡ଼ ଦୁର୍ଘଟଣା ଏବେ ନିତିଦିନିଆ ଘଟଣା ପାଲଟିଛି। ବିଶେଷ କରି ସନ୍ଧ୍ୟା ସମୟରେ ଭିଡ଼ ଯୋଗୁଁ ପରିସ୍ଥିତି ଅସମ୍ଭାଳ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଏ ସମ୍ପର୍କରେ ଉଦ୍ବେଗ ପ୍ରକାଶ କରିବା ସହ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି। ରାସ୍ତାକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ସହ ଡ୍ରେନ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।





# ୨୦୩ ଲିଟର ମହୁଲ ମଦ ଜବତ:୧୨ ଗିରଫ

**ରାଉରକେଲା, ନ୍ୟୁଜ୍**

ଗତ ୧୨ ତାରିଖରେ ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡଙ୍କ ନିର୍ଦ୍ଦେଶକ୍ରମେ, ରାଉରକେଲା ବିଭାଗ ପକ୍ଷରୁ ଚିକଟମାଟି, ବିରଡ଼ା, ଯୋଡ଼ାବନ୍ଧ, ଭାଲୁଲତା ଅଞ୍ଚଳରେ ଚଢ଼ଉ କରି ମୋଟ୍ ୧୨ ଗୋଟି କେଶ୍ ରୁଜୁ କରାଯିବା ସହିତ ମୋଟ୍ ୨୦୩ ଲିଟର ବେଆଇନ୍ ମହୁଲି ମଦ ଏବଂ ୪୩ ଲିଟର ବାହାର ଭାଟି ମହୁଲି ମଦ ଜବତ କରାଯାଇଛି । ମୋଟ୍ ୧୨ଟି claim କେସ୍ କରାଯାଇଛି। ମୋଟ୍ ୧୨ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନାମ ମାଗଦାଲି କିସପୋଟା, ରୁକ୍ମଣୀ ବାର୍ଲା, ସୁଶୀଳା କୁମ୍ଭାର, କମଳା କୁମ୍ଭାର, ଅଜୟ ଓରାମ, ପାହାନା ଓରାମ, ପୁଷ୍ପା ତାର୍କି, ମିନି ସମାସୀ, ରଙ୍ଗବତୀ କୁମ୍ଭାର, ଶର୍ମିଲା ଓରାମ, ଚୁମନି ଓରାମ । ଏହି ଚଢ଼ଉରେ Excise Inspector ମୋହନ ପଧାନ ଓ inspector ହେମନ୍ତ ମହାନନ୍ଦିଆ ASI ବିନୋଦିନୀ ବେହେରା, ବିଦ୍ୟୁତ ଭୂଷଣ ଦାଶ, ଆଲୋକ ପ୍ରଧାନ ଓ ଯୁବରାଜ ବାଗ ଓ ଷ୍ଟାଫ୍– ହେମ ମଞ୍ଜରୀ ବିଶ୍ୱାଳ, ଗୋବର୍ଦ୍ଧନ ବିଶି, ଆୟେଶା ମିଂଜ, ତ୍ରିଲୋଚନ ପାଢ଼ୀ, ଆକାଶ ପଟେଲ, ନବୀନଭୂୟାଁ, ପ୍ରଦୀପ ଲୁଗୁନ, ବବୁଲ ସ୍ୱାଇଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଭିକଟୋରିଆ ଡୁଙ୍ଗଡୁଙ୍ଗ, ଟେରେସା ବାର୍ଲା, ଲିଲିମା ଭୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ ଆଦି ସାମିଲ୍ ଥିଲେ।

# ଜବତ ୧୦ ବାଲି ବୋଝେଇ ହାଇୱା ଉଭାନ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ବେଆଇନ୍ ଭାବେ ବାଲି, ମାଟି, ଗୋଡି ଚୋରା ଚାଲାଣ ହେଉଥିବାର ବିଭିନ୍ନ ସମୟରେ ଅଭିଯୋଗ ହେବାପରେ ବିଳମ୍ବିତ ରାତିରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ତୁଣ୍ଡୁପୁର ବାଲି ଖାଦାନ ସାଇଡ଼ରୁ ଚୋରାରେ ନେଇଯାଉଥିବା ୧୦ଟି ବାଲି ବୋଝେଇ ହାଇୱା ଗାଡ଼ିକୁ ଉପଜିଲ୍ଲାପାଳ ଗୋଡେଇ ଗୋଡେଇ ଧରିଥିଲେ। ସଦର ଥାନା ପୋଲିସ କର୍ମଚାରୀଙ୍କୁ ଉକ୍ତ ଚୋରା ବାଲି ବୋଝେଇ ଗାଡ଼ିକୁ ହସ୍ତାନ୍ତର କରିଥିଲେ। ଧରାଯାଇଥିବା ଗାଡ଼ି ଗୁଡ଼ିକୁ ଜରିମାନା ଆଦାୟ କରି କାଗଜପତ୍ର ଯାଞ୍ଚ ପରେ ଛଡାଯିବାର ନିୟମ ଥିବାବେଳେ ଦାୟିତ୍ୱ ନେଇଥିବା ପୋଲିସ କର୍ମଚାରୀ ଗାଡ଼ି ଗୁଡ଼ିକୁ ଛାଡି ଦେଇଥିଲେ। ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀ ତଥା ସବ୍ଡିଭିଜନ୍ ମାଜିଷ୍ଟ୍ରେଟ୍ ଓ ଅତିରିକ୍ତ ଖଣି ଅଧିକାରୀ ଓ ଅତିରିକ୍ତ ତହସିଲଦାର, ମାର୍ଶାଘାଇ ଗାଡିକୁ ଜବତ କରିବା ପରେ ହସ୍ତାନ୍ତର କରିଥିବା ଗାଡିକୁ କିଭଳି ଭାବରେ ପୋଲିସ୍ କର୍ମଚାରୀମାନେ ଗାଡିକୁ ଛାଡିଦେଲେ ତାହା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଯଦି ଏହିଭଳି ଭାବରେ ପୋଲିସର ଅସହଯୋଗ ହୁଏ ତେବେ ଜିଲ୍ଲାରେ ଚୋରା ବାଲି ମାଟି ବ୍ୟବସାୟ ଦିନକୁ ଦିନ ବଢ଼ିବ ବୋଲି ଜନସାଧାରଣରେ ଆଲୋଚନା ହେଉଛି। ଏ ବିଷୟରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ପଚାରିବାରୁ ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରକାଶ କରିଛନ୍ତି। ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବିକାଶ ଆବାସିକ ବିଦ୍ୟାଳୟର ସଫଳତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ୩୩ ଜଣ ଛାତ୍ରଛାତ୍ରୀଙ୍କ ୯୫% ରୁ ଉର୍ଦ୍ଧ୍ୱ ମାର୍କ ୧୦୨ ଜଣ ଛାତ୍ରଛାତ୍ରୀଙ୍କ ୯୦% ରୁ ଉର୍ଦ୍ଧ୍ୱ ମାର୍କ ଏବଂ ୩୧୮ ଜଣ ଛାତ୍ରଛାତ୍ରୀ ୮୦ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖି ସ୍କୁଲ୍କୁ ଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିଛନ୍ତି ବୋଲି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ପ୍ରକାଶ କରିଛନ୍ତି । ପରୀକ୍ଷା ଫଳାଫଳ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଦେଇ ଆବାସିକ ବିଦ୍ୟାଳୟର ସିବିଏସ୍ସି ସିନିୟର ସେକେଣ୍ଡାରୀର ଅଧ୍ୟକ୍ଷ ଚିତରଞ୍ଜନ ପତି କହିଛନ୍ତି ଯେ, ଦ୍ୱାଦଶ ଶ୍ରେଣୀ କଳା ବିଭାଗରେ ଆଦ୍ୟାଶା ସାହୁ ୯୯.୪% ରଖି ଶୀର୍ଷରେ ଥିବାବେଳେ, ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ଆଶିଷ କୁମାର ମିଶ୍ର ୯୮.୨% ରଖି ବିଜ୍ଞାନ ବିଭାଗର ଶୀର୍ଷରେ ଅଛନ୍ତି ଏବଂ ଦ୍ୱାଦଶ ଶ୍ରେଣୀ ବାଣିଜ୍ୟର ଫଳାଫଳର ଶୀର୍ଷରେ ନେହା ମେହେର ୯୭.୪% ରହିଛନ୍ତି, ସେହିଭଳି ଦ୍ୱାଦଶ ଶ୍ରେଣୀ କଳା ବିଭାଗରେ ସୁଶ୍ରୀ ରିୟା ଦାଶ ୯୮.୪%, ଜିନ୍ନାସା ମହାପାତ୍ର ୯୭.୮%, ରିୟାନା ମେସୁଆ ୯୭.୮%, ବୈଷ୍ଣବୀ ସିନ୍ହା ୯୭.୮%, ସମୀକ୍ଷା ପାଣ୍ଡେ ୯୭.୬%, ପ୍ରତିକାନ୍ ସତପଥ ୯୬.୮%, ସିପ୍ରା ପାଣି ୯୫.୬%, ଶ୍ରୀପର୍ଣ୍ଣା ଦାସ ୯୫.୨%, ଅନୁଷ୍କା ସାଗର ୯୫.୦%, ଏବଂ ବିଜ୍ଞାନ ବିଭାଗରେ ଶୁଭମ ବେହେରା ୯୭.୪%, ରିୟା ପ୍ରଧାନ ୯୬.୮%, ସଭୋଜିତ ମେହେର ୯୬.୮%, ସମୀକ୍ଷା ସାହୁ ୯୬.୬%, ସିଦ୍ଧାତ ଭୋଇ ୯୬.୨%, ସୁଭମ ସୁଭାଶିଷ ୯୬.୨%, ଆର୍ଯ୍ୟନ ମେହେର ୯୫.୮%, ଆଶିର୍ବାଦ ପଣ୍ଡା ୯୫.୬%, ବିବେକ ଅଗ୍ରୱାଲ ୯୫.୬%, ରହିତା ବାର୍ଲା ୯୫.୬%, ରୋନକ ପୁରୋହିତ ୯୫.୪%, ସାଇ ପାତ୍ର ୯୫.୨%, ସାକ୍ଷୀ ଅଗ୍ରୱାଲ ୯୫.୨%, ଅନିକେତ ପାଣିଗ୍ରାହୀ ୯୫.୨% ଏବଂ ବାଣିଜ୍ୟ ବିଭାଗରେ ପ୍ରତ୍ୟୁଷ ଦାସ ୯୭.୨%, ସ୍ୱସ୍ତିକ ଅଗ୍ରୱାଲ ୯୭.୦%, ନିଖିଲ ସାହୁ ୯୬.୬%, ପ୍ରିୟଙ୍କା ଜଲନ ୯୬.୪%, ଆର୍ଯ୍ୟନ ପଟେଲ ୯୫.୮%, ରବିନ୍ଦ୍ର ଲାକ୍ରା ୯୫.୪% ରଖି ଫଳାଫଳ ତାଲିକାର ଶୀର୍ଷରେ ରହିଛନ୍ତି। ଜାତୀୟସ୍ତରରେ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ଠାରୁ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ବହୁ ଉର୍ଦ୍ଧ୍ୱ ରହିଛି। ଦ୍ୱାଦଶ ଶ୍ରେଣୀ ଫଳାଫଳରେ ସ୍କୁଲର ୧୦୦ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିକାଶ ଆବାସିକ ବିଦ୍ୟାଳୟର ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ କହିଛନ୍ତି ।

# ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସୁରକ୍ଷା ଓ ଗୁଣବତ୍ତା ଉପରେ ଶିଳ୍ପ କର୍ମଶାଳା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡାରେ ସୁରକ୍ଷା ଏବଂ ମୋଟ ଗୁଣବତ୍ତା ପରିଚାଳନା (TQM) ଉପରେ ଏକ ବ୍ୟାପକ ବ୍ୟବସାୟିକ ସହଭାଗୀ କର୍ମଶାଳା ଆୟୋଜନ କରି କର୍ମକ୍ଷେତ୍ର ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥିଲା। ଏହି କର୍ମଶାଳାରେ କମ୍ପାନୀ ସହିତ କାର୍ଯ୍ୟ କରୁଥିବା ୨୦ରୁ ଅଧିକ ପ୍ରମୁଖ ବ୍ୟବସାୟିକ ସହଭାଗୀଙ୍କ ୧୧୫ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏକ ସହଯୋଗୀ ପ୍ଲାଟଫର୍ମ ଭାବରେ ପରିକଳ୍ପିତ, ଏହି କର୍ମଶାଳା ପ୍ଲାଣ୍ଟର କଠୋର ସୁରକ୍ଷା ପ୍ରୋଟୋକଲ୍କୁ ଆହୁରି ବୃଦ୍ଧି କରିବା, ଗୁଣବତ୍ତା ନିୟନ୍ତ୍ରଣକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟରେ ଶୂନ୍ୟକ୍ଷତି ସୁନିଶ୍ଚିତ କରିବାପାଇଁ ଏକ ସହଭାଗୀ ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥିଲା। ଫୋରମ୍ମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ରରେ ଶୂନ୍ୟଆଘାତ ଏବଂ ସୁରକ୍ଷା ମାନଦଣ୍ଡ ସହିତ ୧୦୦% ଅନୁପାଳନର ସ୍ପଷ୍ଟ ଲକ୍ଷ୍ୟ ସହିତ ନେତୃତ୍ୱ ଉଦ୍ଦେଶ୍ୟ, କାର୍ଯ୍ୟକ୍ଷମ ଶୃଙ୍ଖଳା ଏବଂ ଆଚରଣଗତ ଆଶା ଉପରେ ଦୃଢ଼ ସମନ୍ୱୟକୁ ସକ୍ଷମ କରିଥିଲା। କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଥିଲା ବେଦାନ୍ତର ବରିଷ୍ଠ ପରିଚାଳନା ସହିତ ବ୍ୟବସାୟିକ ଅଂଶୀଦାର ନେତୃତ୍ୱ ଦଳଗୁଡ଼ିକ ଦ୍ୱାରା ନିଆଯାଇଥିବା ସାମୂହିକ ସୁରକ୍ଷା ପ୍ରତିଶ୍ରୁତି, ସମସ୍ତ କାର୍ଯ୍ୟକ୍ଷେତ୍ରରେ ଶୂନ୍ୟକ୍ଷତି ସୁନିଶ୍ଚିତ କରିବା, ସୁରକ୍ଷା ନିୟମ, ବ୍ୟବସ୍ଥା ଏବଂ ବୈଧାନିକ ଆବଶ୍ୟକତା ଗୁଡ଼ିକର ୧୦୦% ପାଳନ କରିବା ଏବଂ ସ୍ଥିର ଭୂମିଗତ କାର୍ଯ୍ୟ ମାଧ୍ୟମରେ ଦୃଶ୍ୟମାନ ସୁରକ୍ଷା ନେତୃତ୍ୱ ପ୍ରଦର୍ଶନ କରିବା ପାଇଁ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦେଶ କରିବା। ଏହି ପ୍ରତିଶ୍ରୁତି ପ୍ରତ୍ୟେକ କାର୍ଯ୍ୟସ୍ତରରେ ଶୃଙ୍ଖଳା, ତଦାରଖ ଏବଂ ଦାୟିତ୍ୱକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟମାନ ସୁରକ୍ଷା ଅଭ୍ୟାସ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ମୂଲ୍ୟାଙ୍କନ ଏବଂ କାର୍ଯ୍ୟଗୁଡ଼ିକରେ ଟୋଟାଲ ଗୁଣବତ୍ତା ପରିଚାଳନା (TQM) ଅଭ୍ୟାସଗୁଡ଼ିକର କାର୍ଯ୍ୟକାରୀତା ଉପରେ ମଧ୍ୟ ଧ୍ୟାନ ଦେଇଥିଲା। ଉତ୍ପାଦନ କାର୍ଯ୍ୟରେ, TQM ଉତ୍କର୍ଷତାର ସଂସ୍କୃତିଗଠନ ପାଇଁ ଏକ ପ୍ରମୁଖ ସମର୍ଥକ ଭାବରେ କାର୍ଯ୍ୟକରେ, ନିରନ୍ତର ଉନ୍ନତି, ଗ୍ରାହକ ସନ୍ତୁଷ୍ଟି ଏବଂ ସକ୍ରିୟ କର୍ମଚାରୀ ସମ୍ପୃକ୍ତି ଉପରେ ଗୁରୁତ୍ୱାରୋପ କରେ। ଏହା ସକ୍ରିୟ ବି ପଦପରିଚାଳନା ମାଧ୍ୟମରେ ସମସ୍ତ ସମ୍ଭାବ୍ୟ କାର୍ଯ୍ୟକ୍ଷେତ୍ର ଦୁର୍ଘଟଣା ଏବଂ ଆଘାତକୁ ପ୍ରତିରୋଧଯୋଗ୍ୟ ଭାବରେ ଚିକିତ୍ସା କରିବା, ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟଗୁଡ଼ିକରେ ସମାନ ଗୁଣବତ୍ତା ମାନଦଣ୍ଡ ସୁନିଶ୍ଚିତ କରିବା ଉପରେ ଆଧାରିତ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତକରି, ବେଦାନ୍ତ ଝାରସୁଗୁଡାର ସିଇଓସି ଚନ୍ଦ୍ର କହିଛନ୍ତି, ‘ସୁରକ୍ଷା ଏବଂ ଗୁଣବତ୍ତା ହେଉଛି ଆମର କାର୍ଯ୍ୟର ମୂଳ ଉପାଦାନ ଏବଂ ଆମେ କିପରି କାମ କରୁ ଏବଂ ବୃଦ୍ଧି କରୁ ତାହାର ମୌଳିକତା। ଏହି ଉଭୟ କ୍ଷେତ୍ରରେ ଉଚ୍ଚମାନର ଉତ୍କର୍ଷତା ବଜାୟ ରଖିବାପାଇଁ ସାମୂହିକ ମାଲିକାନା, ସ୍ଥିର ବ୍ୟବସ୍ଥା ଏବଂ ଦୃଢ଼ ସହଭାଗୀତା ଆବଶ୍ୟକ।’ ରାଜେନ୍ଦ୍ର ମେକାନିକାଲ୍ ପ୍ରାଇଭେଟ୍ ଲିମିଟେଡ୍ (RMPL)ର ସିଇଓ ଚନ୍ଦନ ଶର୍ମା ଆହୁରି କହିଛନ୍ତି, ‘ଏହିପରି କର୍ମଶାଳାଗୁଡ଼ିକ ଉତ୍ପାଦନ କାର୍ଯ୍ୟରେ ଶ୍ରେଷ୍ଠଶ୍ରେଣୀ ଅଭ୍ୟାସରେ ସ୍ୱଚ୍ଛତା, ସମନ୍ୱୟ ଏବଂ ସ୍ଥିରତା ଆଣିବା ସହିତ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସୁରକ୍ଷା ଏବଂ ଗୁଣବତ୍ତା ଉତ୍କର୍ଷତା ଉପରେ ବେଦାନ୍ତ ଆଲୁମିନିୟମର ନେତୃତ୍ୱ ଆଧାରିତ ଧ୍ୟାନ ବ୍ୟବସାୟିକ ଅଂଶୀଦାର ମାନଙ୍କ ମଧ୍ୟରେ ସହଭାଗୀ ଦାୟିତ୍ୱକୁ ପ୍ରୋତ୍ସାହିତ କରେ ଏବଂ କାର୍ଯ୍ୟକ୍ଷମ ସୁରକ୍ଷା ପାଇଁ ମାନଦଣ୍ଡ ବୃଦ୍ଧି କରିବାରେ ସାହାଯ୍ୟ କରେ।’ ବେଦାନ୍ତ ଆଲୁମିନିୟମ ଦୈନିକ ଯାଞ୍ଚ, ନିୟମିତ ସମୀକ୍ଷା ଏବଂ ନେତୃତ୍ୱ–ନେତୃତ୍ୱାଧୀନ ଅଡିଟର ଏକ ସ୍ଥିରତାଳ ମାଧ୍ୟମରେ ଏହାର ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରି ଚାଲିଛି ଯାହା ସୁରକ୍ଷାକୁ ପ୍ରତ୍ୟେକ ପରିବର୍ତ୍ତନର କେନ୍ଦ୍ରରେ ରଖେ। ଏହା ସ୍ମେଲ୍ଟରରେ ସଚେତନତା ଅଭିଯାନ ଏବଂ ପରିବାର ସମ୍ପର୍କ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ପ୍ରଶିକ୍ଷଣ ହସ୍ତକ୍ଷେପ ଏବଂ ଆଚରଣ–ଆଧାରିତ ସୁରକ୍ଷା ପଦକ୍ଷେପ ପର୍ଯ୍ୟନ୍ତ ବିଭିନ୍ନ ଲୋକ–କେନ୍ଦ୍ରିତ ପଦକ୍ଷେପ ଦ୍ୱାରା ପରିପୂରକ, ଯାହା ନିଶ୍ଚିତକରେ ଯେ ସୁରକ୍ଷା ସହଜ, ଦୃଶ୍ୟମାନ ଏବଂ ଦୈନନ୍ଦିନ କାର୍ଯ୍ୟରେ ଗଭୀର ଭାବରେ ସନ୍ନିହିତ ରହିଛି। ଏହି ସ୍ଥିର ଏବଂ ମାନବ–କୈନ୍ଦ୍ରିକ ଆଭିମୁଖ୍ୟ ଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିଛି, ଯେଉଁଥିରେ CII ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ (SHE) ପୁରସ୍କାର ୨୦୨୫ ଏବଂ କଳିଙ୍ଗ ସୁରକ୍ଷା ପୁରସ୍କାର ୨୦୨୫ ଅନ୍ତର୍ଭୁକ୍ତ, ଯାହା ପ୍ଲାଣ୍ଟର ଦୃଢ଼ ସୁରକ୍ଷା ଶାସନ ଏବଂ ଶୃଙ୍ଖଳିତ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦିଏ।



# ସୁକିନ୍ଦାରେ ମୃତକଙ୍କ ଅଙ୍ଗଦାନ କଲେ ପରିବାରବର୍ଗ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ବେଲୋହାରି ଗ୍ରାମର ସ୍ୱର୍ଗତ ବାଲି ଜାମୁଦାଙ୍କ ବ୍ରେନ୍ ଡେଡ୍ ବା ମସ୍ତିଷ୍କ ମୃତ୍ୟୁ ପରେ ତାଙ୍କ ପରିବାର ପକ୍ଷରୁ ଅଙ୍ଗଦାନ କରି ମାନବତାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ଏହି ମହାନ୍ ଦାନ ଅନେକ ଜୀବନକୁ ନୂଆ ଆଶା ଦେଇଥିବାବେଳେ ସେ ଚିରଦିନ ପାଇଁ ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ। ତାଙ୍କର ଏଭଳି ମହତ କାମକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତ ବାଲି ଜାମୁଦାଙ୍କ ଶେଷକୃତ୍ୟ ନିଜ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ସପନ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କଳିଙ୍ଗନଗର ଥାନା ଅଧିକାରୀ, ଅତିରିକ୍ତ ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ବାଲି ଜାମୁଦାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ। ସ୍ୱର୍ଗତ ବାଲି ଜାମୁଦାଙ୍କ ଏହି ଅଙ୍ଗଦାନ ସମାଜରେ ମାନବତା, ସହାନୁଭୂତି ଓ ପରୋପକାରର ଏକ ଉଜ୍ଜ୍ୱଳ ବାର୍ତ୍ତା ପ୍ରସାର କରିଥିବାବେଳେ ଆଗାମୀ ପିଢ଼ୀ ପାଇଁ ଏକ ପ୍ରେରଣାର ସ୍ତମ୍ଭ ହୋଇ ରହିବ।

# ଜୁନ୍ ୨୧ରେ ଓଟିଇଟି ପରୀକ୍ଷା

**କଟକ, ନ୍ୟୁଜ୍ ବ୍ୟୁରୋ**

ଆଶାୟୀଙ୍କ ପାଇଁ ଖୁସି ଖବର । ଜୁନ୍ ମାସରେ ହେବ ଓଟିଇଟି ପରୀକ୍ଷା । ଜୁନ୍ ୨୧ ତାରିଖରେ ଓଟିଇଟି ପରୀକ୍ଷା ହେବା ପାଇଁ ଘୋଷଣା କରିଛି ମାଧ୍ୟମିକ ଶିକ୍ଷା ପରିଷଦ । ଏଥର ଦୁଇଟି ସିଟିଂରେ ପରୀକ୍ଷା ହେବ । ପ୍ରଥମ ସିଟିଂ ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ହେବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ୨ୟ ସିଟିଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ । ତେବେ ପରୀକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ବୋର୍ଡ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି । ପରୀକ୍ଷାକୁ କିପରି ସୁପରିଚାଳନା ଭାବେ କରାଯିବ । ସେନେଇ ଅନେକ ପଦକ୍ଷେପ ନେଉଛି । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏପିରିକି ପରୀକ୍ଷା ସେଣ୍ଟରକୁ ଯିବା ପୂର୍ବରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ତନତନ କରି ଯାଞ୍ଚ କରାଯିବ । ସମସ୍ତ ପ୍ରଶ୍ନପତ୍ରକୁ ଷ୍ଟ୍ରଙ୍ଗ ରୁମ୍ରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୦୫।୨୦୨୬, ଜୈଷ୍ଠ ଦି୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୧୩।୪୭ ଚନ୍ଦ୍ରୋଦୟ- ରାଘ ୪।୧୯।୪୧**

**ତ୍ରୟୋଦଶୀ-** ଦିଘ ୮।୩୩ ଗତେ ଚତୁର୍ଦ୍ଦଶୀ କ୍ଷୟ, ଅଶ୍ୱିନୀ ନକ୍ଷତ୍ର ରାଘ ୮।୧୫ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୮।୩୩ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୮ ଗତେ ଦିଘ ୬।୫୯ ମଧ୍ୟେ ଦିଘ ୧୨।୧୦ ଗତେ ଦିଘ ୨।୪୬ ମଧ୍ୟେ । **ପର୍ବୋତ୍ସବ-** ବୃଷ ସଂକ୍ରାନ୍ତି, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ବିଶ୍ୱ ପରିବାର ଦିବସ।



**ମେଷ:** ଐଶ୍ୱର୍ଯ୍ୟ ଯୁକ୍ତ ହେବେ। ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ଘରେ ଅସନ୍ତୋଷ ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ। ନୂତନ ଦ୍ରବ୍ୟମାନ କିଣିପାରନ୍ତି। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ।



**ବୃଷ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଧର୍ମ କାର୍ଯ୍ୟ କରିବା ପାଇଁ ମନ ବଳାଇପାରନ୍ତି। ରୋଜଗାର ସ୍ଥିର ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଦୂରଯାତ୍ରା କରି ସଫଳତା ହାସଲ କରିପାରନ୍ତି।



**ମିଥୁନ:** ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ଚାକିରୀ କ୍ଷେତ୍ରରେ ପଦୋନ୍ନତିର ଆଶା ଦେଖାଦେଇପାରେ। ଧନ ଲାଭ ହେବାର ସୁଯୋଗ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**କର୍କଟ:** ଆୟରେ ଉନ୍ନତି ଦେଖାଦେବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ଘରେ ଖୁସିର ବାତାବରଣ ଖେଳିବ। ବନ୍ଧୁଙ୍କ ସହ ଭେଟ ହୋଇପାରେ। ଶୁଭ ଖବର ପାଇପାରନ୍ତି।



**ସିଂହ:** ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବ। ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅସନ୍ତୋଷ ଦେଖାଦେଇପାରେ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ ।



**କନ୍ୟା:** ଶାରୀରିକ ଅସୁସ୍ଥତା ହେତୁ ମାନସିକ ଦୁଶ୍ଚିନ୍ତା ଦେଖାଦେଇପାରେ। ପରିଶ୍ରମର ମାତ୍ରା ବୃଦ୍ଧି ପାଇବ। ଆୟ ସ୍ଥିର ରହିବ। ଘରେ କିଛି ମାତ୍ରାରେ ଅଶାନ୍ତି ଦେଖାଦେଇପାରେ। ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି।



**ତୁଳା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ସାପେକ୍ଷ ଜନିତ ହେବ। ମହିଳାମାନେ ସୁଖୀ ହେବେ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଘରେ ଖୁସିର ବାତାବରଣ ରହିବ।



**ବିଛା:** ଚାକିରୀକ୍ଷେତ୍ରରେ ସଫଳତା ଦେଖାଦେବ। ଅଟକି ରହିଥିବା କାମଟି ଆରମ୍ଭ ହୋଇପାରେ। ଗୃହେ ଆନନ୍ଦ ଦେଖାଦେବ। ଆୟ ଓ ବ୍ୟୟ ସ୍ଥିର ରହିବ। ପରୋପକାର କରି ଆତ୍ମତୃପ୍ତି ଲାଭ କରିବେ।



**ଧନୁ:** ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ହେବ। ପାରିବାରିକ ଜୀବନରେ ଖୁସିର ବାତାବରଣ ଖେଳିବ।



**ମକର:** ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ। ଶତ୍ରୁଙ୍କ ଠାରୁ ସତର୍କ ରହିବା ଭଲ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଅସନ୍ତୋଷ ଦେଖାଦେବ। ମହିଳାମାନେ ଗର୍ବୀ ହେବେ। ମନ ଅସ୍ଥିର ରହିବ ।



**କୁମ୍ଭ:** ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ରୋଜଗାର ଭଲ ହେବ। ଦୂରଯାତ୍ରା କରିପାରନ୍ତି ।



**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ସାଧନାରେ ସିଦ୍ଧି ଲାଭ କରିବେ। ପରୋପକାର କରି ଖୁସି ହେବେ। ଆୟ ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ ।

# ହୋଟେଲ ମାଲିକଙ୍କ ଛୁରାମାଡ଼ରେ ଯୁବକ ଆହତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକରେ ଯୁବକଙ୍କୁ ଛୁରା ମାଡ଼। କ୍ୟାଣ୍ଟନ୍ମେଣ୍ଟ ରୋଡ ଅଞ୍ଚଳରେ ଯୁବକଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ଯୁବକ ହେଲେ ମହମ୍ମଦ ଇମତିଆଜ। ସେ ଏକ ହୋଟେଲ୍ ନିକଟରେ ବସିଥିବା ବେଳେ କୌଣସି କାରଣରୁ ହୋଟେଲ ମାଲିକଙ୍କ ସହ ବଚସା ହୋଇଥିଲା। ଏହି ସମୟରେ ହୋଟେଲ ମାଲିକ ଛୁରୀରେ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଚିକିତ୍ସା ପାଇଁ ଏସ୍ସିବି ମେଡିକାଲ୍ରେ ଭର୍ତ୍ତି କରାଯାଇଛି। କ୍ୟାଣ୍ଟନ୍ମେଣ୍ଟ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୦୫।୨୦୨୬, ଜୈଷ୍ଠ ଦି୨ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୧୩।୨୫ ଚନ୍ଦ୍ରୋଦୟ- ନିଘ ୫।୧୨।୫୮**

**ଅମାବାସ୍ୟା-** ରାଘ ୧।୩୨ ପର୍ଯ୍ୟନ୍ତ, ଦ୍ୱିଜା ନକ୍ଷତ୍ର ସଂଘ ୫।୩୨ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୧୦।୪୮ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । ରାଘ ୧୦।୪୮ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। ରାଘ ୧୦।୪୮ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧।୩୨ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୭ ଗତେ ଦିଘ ୧୨।୧୧ ମଧ୍ୟେ ଦିଘ ୨।୫୯ ଗତେ ଦିଘ ୩।୩୮ ମଧ୍ୟେ। **ପର୍ବୋତ୍ସବ-** ସାବିତ୍ରୀ ବ୍ରତ, ଜ୍ୟେଷ୍ଠ ଅମାବାସ୍ୟା, ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶାପାଳନ, ନଷ୍ଟ ଚନ୍ଦ୍ର ଉପବାସ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମହିଳା ଭୋଟ ପାଇଁ ପ୍ରତିଯୋଗିତା

ପଶ୍ଚିମବଙ୍ଗରୁ ତାମିଲନାଡୁ, କେରଳମରୁ ଆସାମ ଶକ୍ତି ଦେଖାଇଲେ ମହିଳା ମତଦାତା । ସରକାର ହଟାଇବାରୁ ନୂଆ ସରକାର ଗଢ଼ିବା ଯାଏ ସବୁଠୁ ବଡ଼ ଭୂମିକା ନେଇଛି ମହିଳା ଭୋଟ । ଓଡ଼ିଶାରେ ଆଗକୁ ଆସୁଛି ପଞ୍ଚାୟତ ଓ ପୌର ନିର୍ବାଚନ। ହାତରେ ୮-୯ ମାସର ମହଲତ ବାକି । ଏବେଠାରୁ ମହିଳା ଭୋଟ ହାତେଇବାକୁ ସବୁ ଦଳ ଲାଗି ପଡ଼ିଲେଣି । ଉଭୟ ଶାସକ ଓ ବିରୋଧୀ ଦଳ ରାସ୍ତାକୁ ଓହ୍ଲାଇ ମହିଳାଙ୍କ ପାଇଁ ସ୍ୱର ତେଜିଲେଣି । ବିଶ୍ୱ ମାତୃ ଦିବସରୁ ବିଜେଡି ରାଜ୍ୟବ୍ୟାପୀ ଆରମ୍ଭ କରିଛି ନାରୀ ଅଧିକାର ଅଭିଯାନ । ପ୍ରତି ନିର୍ବାଚନମଣ୍ଡଳୀରେ ମହିଳାଙ୍କ ପାଇଁ ବିଜେଡି ଆସନ୍ତା ୨୫ ଯାଏଁ ବିକ୍ଷୋଭ ଚଳାଇଛି। ଖାଲି ସେତିକି ନୁହେଁ, ରାଜ୍ୟରେ ବିଭିନ୍ନ ନାରୀ ନିର୍ଯାତନା ଓ ହିଂସା ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇବାକୁ ବିଜେଡି ଲାଗି ପଡ଼ିଛି । ଖୋଦ୍ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏଭଳି କୌଣସି ପ୍ରସଙ୍ଗ ମିଳିଲେ ସରକାରଙ୍କୁ ସିଧା ଆକ୍ରମଣ କରିବାର ସୁଯୋଗ ହାତଛଡ଼ା କରୁନାହାନ୍ତି । ନାରୀ ନିର୍ଯାତନା ପ୍ରସଙ୍ଗରେ କଂଗ୍ରେସ ମଧ୍ୟ ବିଭିନ୍ନ ନିର୍ବାଚନମଣ୍ଡଳୀରେ ମଶାଲ ଶୋଭାଯାତ୍ରା କରୁଥିବା ଦେଖିବାକୁ ମିଳିଛି । ନାରୀ ଶକ୍ତି ପାଇଁ ଶାସକ ବିଜେପି ମଧ୍ୟ ନିୟମିତ ରାସ୍ତାକୁ ଓହ୍ଲାଉଛି । ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତ ନ ହେବା ପରେ ସିଧା ବିଜେଡି ଓ କଂଗ୍ରେସକୁ ଦାୟୀ କରି ବିଜେପି ପକ୍ଷରୁ ରାଜ୍ୟ ସାରା ମହିଳା ଆକ୍ରୋଶ ରାଲି ଜାରି ରଖିଛି । ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଜେପି ରାଜ୍ୟ ସଭାପତିଙ୍କ ସମେତ ଦଳର ସବୁ ବଡ଼ ନେତା ଏଥିରେ ସାମିଲ ହୋଇ ବିରୋଧୀଙ୍କୁ ଟାର୍ଗେଟ କରୁଛନ୍ତି । ବିରୋଧୀ ବି ଏ ପ୍ରସଙ୍ଗରେ ପାଲଟା ଆକ୍ରମଣ କରି ବିଜେପି ବିରୋଧରେ ପ୍ରଚାର ଚଳାଇଛନ୍ତି । ଉଭୟ ପଟୁ ଆକ୍ରମଣ-ପ୍ରତି ଆକ୍ରମଣ ଜାରି ରହିଛି । କେବଳ ସେତିକି ନୁହେଁ, ବୁଥ ସ୍ତରରେ ମହିଳା ଭୋଟକୁ ନିଜ ଆଡ଼କୁ ନେବା ପାଇଁ ତିନି ପ୍ରମୁଖ ଦଳ ରଣନୀତି ଚଳାଇଛନ୍ତି । ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି । ବିଜେଡି ଯେଉଁ ମହିଳା ଭୋଟ ବଳରେ ୨୪ ବର୍ଷ ଶାସନରେ ରହିଥିଲା, ବିଜେପି ବି ଅନୁରୂପ ସେଇ ଫର୍ମୁଲା ଲାଗୁ କରୁଛି । ତିନି ପ୍ରମୁଖ ଦଳର ମହିଳା ସଂଗଠନ ଏବେ ସକ୍ରିୟ ହୋଇପଡ଼ିଛନ୍ତି । ବିଗତ କିଛି ବର୍ଷ ହେବ ଲୋକସଭା ଓ ବିଧାନସଭା ନିର୍ବାଚନରେ ମହିଳା ଭୋଟ ନିର୍ଣ୍ଣାୟକ ଭୂମିକା ନେଉଛି । ଓଡ଼ିଶାରେ ବି ଏହି ଟ୍ରେଣ୍ଡ ଦେଖିବାକୁ ମିଳିଛି । ୨୦୨୪ ନିର୍ବାଚନରେ ରାଜ୍ୟରେ ମୋଟ ୭୪.୪୪% ମତଦାନ ହୋଇଥିଲା । ପୁରୁଷଙ୍କ ମତଦାନ ହାର ୭୩.୩୭% ଥିବାବେଳେ ମହିଳାଙ୍କ ମତଦାନ ହାର ଥିଲା ୭୫.୫୫% । ୨୦୧୯ରେ ବି ମହିଳାଙ୍କ ମତଦାନ ହାର ପୁରୁଷଙ୍କଠାରୁ ଅଧିକ ରହିଥିଲା । ରାଜନୈତିକ ବିଶେଷଜ୍ଞଙ୍କ କହିବାନୁସାରେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ନିରଙ୍କୁଶ ଶାସନ ପଛରେ ସବୁଠାରୁ ବଡ଼ ଶକ୍ତି ଥିଲା ମହିଳାଙ୍କ ସମର୍ଥନ । ମିଶନ ଶକ୍ତି ମାଧ୍ୟମରେ ଗାଁ ଗାଁରେ ପ୍ରତି ଘରେ ନବୀନଙ୍କ ଭୋଟ ବ୍ୟାଙ୍କ ପହଞ୍ଚିଥିଲା। ୨୦୨୪ରେ ବିଜେପିର ସୁଭଦ୍ରା ଯୋଜନା ଘୋଷଣା ନବୀନଙ୍କ ମିଶନ ଶକ୍ତି ଭୋଟବ୍ୟାଙ୍କକୁ ଭାଙ୍ଗିବାରେ ସକ୍ଷମ ହୋଇଥିଲା । ୨୦୨୭ ଫେବ୍ରୁଆରୀ ବେଳକୁ ହୋଇପାରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ । ପୌର ଓ ପଞ୍ଚାୟତରେ ୫୦% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ । ଏମିତିରେ ମହିଳା ଭୋଟର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ । ତେଣୁ ମହିଳାଙ୍କ ପାଇଁ ଆଗକୁ ଆହୁରି ଦରଦ ଦେଖାଇବେ ରାଜନୈତିକ ଦଳ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ ମୋଟ ଭୋଟର ସଂଖ୍ୟା ୩ କୋଟି ୩୪ ଲକ୍ଷ ୩୩ ହଜାର ୬୫୯ । ସେଥିରେ ପୁରୁଷ ୧ କୋଟି ୬୯ ଲକ୍ଷ ଓ ମହିଳା ଭୋଟରଙ୍କ ସଂଖ୍ୟା ୧ କୋଟି ୬୫ ଲକ୍ଷ । ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମହିଳା ମତଦାନ ହାର ରେକର୍ଡ ୯୩.୨% ଛୁଇଁଥିବାବେଳେ ପୁରୁଷଙ୍କ ମତଦାନ ହାର ଥିଲା ୯୧.୭% । ତାମିଲନାଡୁରେ ବିଜୟଙ୍କୁ ମୁଖ୍ୟମନ୍ତ୍ରୀ କରିବାରେ ମହିଳା ଭୋଟ ସବୁଠୁ ବଡ଼ ଭୂମିକା ନେଇଛି । ପୁରୁଷଙ୍କଠାରୁ ୧୭ ଲକ୍ଷ ଅଧିକ ମହିଳା ଭୋଟ ଦାନ କରିଛନ୍ତି । କେରଳମରେ ବାମ ଦଳ ସରକାରଙ୍କୁ ହଟାଇ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ କ୍ଷମତାକୁ ଆସିଛି । ସେଠାରେ ମହିଳାଙ୍କ ଭୋଟ ହାର ପାଖାପାଖି ୯୪% ଛୁଇଁଥିଲା । ଆସାମରେ ହିମନ୍ତ ବିଶ୍ୱଶର୍ମା ଓ ପୁଡୁଚେରିରେ ଏନ୍.ରଙ୍ଗାସ୍ୱାମୀଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାରେ ପ୍ରମୁଖ ଭୂମିକା ନେଇଛି ମହିଳା ଭୋଟ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ପଦ୍ମପାଦ

"ମାୟା ମୋହରେ ହେଲୁ ଅନ୍ଧ
ଭୁଲିଣ ପ୍ରଭୁ ହରିଓଁ ପଦ୍ମ ପାଦ''

ଶ୍ରଦ୍ଧେୟ ଭକ୍ତବୃନ୍ଦ । ଏକା ଆସିଥିଲା ତୁମେ ଏକାଯିବ, କିନ୍ତୁ ଅମୂଲ୍ୟ ଶରୀର ହେଉଛି ଭଗବାନଙ୍କର ତୁମର ନୁହେଁ । ସେ ତୁମକୁ ପଠାଇଛନ୍ତି ନିଶ୍ଚୟ ନେଇଯିବେ । ତୁମ କର୍ମ ଫଳକୁ ପରୀକ୍ଷା କରି ତେଣୁ ସାବଧାନ ହୋଇଯାଅ ନଚେତ କେହି ତୁମକୁ ରକ୍ଷା କରିପାରିବେ ନାହିଁ । କେବଳ ଈଶ୍ୱର ହିଁ ରକ୍ଷା କରିପାରିବେ ବେଳହୁଁ ଗୋବିନ୍ଦ ସୁମର ଗୁରୁ ସେବାରେ ନିଜକୁ ହଜାଇ ଦିଅ, ମଜ୍ଜାଇ ଦିଅ, କାରଣ ଜନ୍ମ ଯୌବନ, ମୃତ୍ୟୁ ଚିରସ୍ଥାୟୀ ନୁହେଁ । ତେଣୁ ଗପସପ ନ ହୋଇ ମନକୁ ଜପରେ ଲଗାଇଦିଅ । ଇନ୍ଦ୍ରୀୟ ମାନଙ୍କୁ ଈଶ୍ୱରଙ୍କ ସେବାରେ ଜଗାଇ ଦିଅ । ବିଳମ୍ବ କରନାହିଁ । ସମସ୍ତ ଠେଲି ଦେବେ, ଉଠାଇବେ ଜଣେ, ସେହିଁ ଉଦ୍ଧାର କର୍ତ୍ତା । ସେହିଁ ତ୍ରାଣ କର୍ତ୍ତା ସେ ହିଁ ଭୂତ, ଭବିଷ୍ୟ, ବର୍ତ୍ତମାନ ତେଣୁ ବର୍ତ୍ତମାନକୁ ଭୁଲ ନାହିଁ । ହେ ମୋର ପ୍ରିୟ ସଖା, ବନ୍ଧୁ, ମାୟାର ଜାଲରୁ ମୁକ୍ତି ପାଇବାକୁ ହେଲେ ଶ୍ରୀ ଗୁରୁଙ୍କ କୃପା ନିତ୍ୟାନ୍ତ ଜରୁରୀ କାରଣ ସେ ହିଁ ଅନନ୍ତ, ସେ ହିଁ ଅସୀମ, ସେ ହିଁ ମୁକ୍ତିର ପଥ ତୁମକୁ ହିଁ ଦେଖାଇବେ । ବେଳ ଥାଉ ଥାଉ ବନ୍ଧ ବାନ୍ଧ । ନଚେତ ନେଡିଗୁଡ କହୁଣୀକୁ ବୋଲି ଗଲା ପରେ ଆଉ କିଛି ନଥିବ । ସାବଧାନ । ହରିଓଁ ।

# ଆନୁବଂଶିକ ସଂଶୋଧିତ ଫସଲକୁ ନେଇ ଚିନ୍ତା



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ଜେନେଟିକାଲି ମଡିଫାଏଡ୍ ଫସଲ ହେଉଛି ସେହି ଫସଲ ଯାହାର ଜେନେଟିକ୍ ସାମଗ୍ରୀ (DNA) ପରିବର୍ତ୍ତନ କରାଯାଇଛି, ଅର୍ଥାତ୍ ଏପରି ଫସଲ ସେମାନଙ୍କର ଗଠନର ଜେନେଟିକ୍ ପରିବର୍ତ୍ତନ ଦ୍ୱାରା ଉତ୍ପାଦିତ ହୁଏ। ସେମାନଙ୍କର ଜେନେଟିକ୍ ସାମଗ୍ରୀ ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ଉତ୍ପାଦିତ ହୁଏ। ଆମେ ସମସ୍ତେ Bt କପା ଏବଂ GM ସୋରିଷ ବିଷୟରେ ଶୁଣିଛୁ। କିନ୍ତୁ ଆମେ କ'ଣ ଜାଣୁ ଏହି ବିହନ ଭିତରେ କ'ଣ ଅଛି ? ଆମେ କଣ ଜାଣୁ ବିଜ୍ଞାନ ପ୍ରକୃତି ସହିତ କ'ଣ କରିଛି ? ଏବଂ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ହେରଫେର ଆମ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ କି, ନା ଅଜାଣତରେ ଆମ ନିଜ ମାଟି ଏବଂ ସ୍ୱାସ୍ଥ୍ୟ ସହିତ ଏକ ବଡ଼ ଜୁଆ ଖେଳାଯାଉଛି ? ସମ୍ପ୍ରତି, ଆମେରିକାରୁ ଭାରତର ଆମେରିକା ସହିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଡକ୍ୟୁମେଣ୍ଟ ପ୍ରକାଶ ପାଇଛି, ଯାହା ଏହି ପ୍ରସଙ୍ଗ ଉପରେ ଆଲୋଚନା କରେ। ପରୋକ୍ଷ ଭାବରେ, ପଶୁ ଖାଦ୍ୟ ଭାବରେ ବ୍ୟବହୃତ GM ବିହନର ଉପଜାତ ଦ୍ରବ୍ୟ ଭାରତକୁ ଆସିବ, ଯାହାକୁ ଆମର ପଶୁମାନେ ଖାଇବେ। ଯଦି ଭାରତୀୟ ପଶୁମାନେ GM ଉତ୍ପାଦରୁ ପ୍ରାପ୍ତ ଉପଜାତ ଦ୍ରବ୍ୟ ବ୍ୟବହାର କରନ୍ତି ଏବଂ ମଣିଷ ସେମାନଙ୍କର କ୍ଷୀର, ଅଣ୍ଡା ଏବଂ ମାଂସ ବ୍ୟବହାର କରନ୍ତି, ତେବେ ସେମାନଙ୍କର ବିଷାକ୍ତ ଉପାଦାନ ମାନବ ଶରୀରରେ ପ୍ରବେଶ କରିବ। ଏହାର ଅର୍ଥ ହେଉଛି ଆମର ଖାଦ୍ୟରେ ପରୋକ୍ଷ ଭାବରେ ଏହି ବିଷାକ୍ତ ପଦାର୍ଥ ରହିବ। ଏହି ପ୍ରସଙ୍ଗରେ ରାଜନୀତି, ବିଜ୍ଞାନ ଏବଂ ବ୍ୟବସାୟ ଜଡିତ। ତେଣୁ, ଆମକୁ ପରୀକ୍ଷା କରିବାକୁ ପଡିବ ଯେ GM ଖାଦ୍ୟ କ'ଣ ଏବଂ ଏହା ମଣିଷ ଏବଂ ପ୍ରାଣୀମାନଙ୍କ ପାଇଁ କିପରି ବିପଦ ସୃଷ୍ଟି କରେ।

ପ୍ରକୃତରେ, ବଡ଼ ବଡ଼ ବିଦେଶୀ କମ୍ପାନୀଗୁଡ଼ିକ ଏହି ବିଷୟ ବିଷୟରେ ଅନେକ କଥା ଲୁଚାଇବାକୁ ଚାହୁଁଛନ୍ତି। ତେବେ ଏଗ କ'ଣ ? ଏହି ଜଗତର ପ୍ରତ୍ୟେକ ଜୀବ, ପ୍ରାଣୀ, ଉଦ୍ଭିଦ କିମ୍ବା ମଣିଷ, ସେମାନଙ୍କ ଶରୀର ଭିତରେ ଏକ ଅତି ସଠିକ୍ ମାନଚିତ୍ର ରହିଛି। ବୈଜ୍ଞାନିକ ଭାଷାରେ ଏହାକୁ ଡଘଇ (Deoxyribonucleic acid) କୁହାଯାଏ। ଏହି DNA ନିର୍ଣ୍ଣୟ କରେ ଯେ ଏକ ନିମ୍ବ ଗଛ ତିକ୍ତ ହେବ ଏବଂ ଏକ ଆମ୍ବ ଗଛ ମିଠା ହେବ। ଏହି DNA ନିର୍ଣ୍ଣୟ କରେ ଯେ ଏକ ମାଛ ପାଣିରେ ନିଶ୍ୱାସ ନେବ ଏବଂ ଏକ ମଣିଷ ବାୟୁରେ। ପ୍ରକୃତି ପ୍ରତ୍ୟେକ ଜୀବ ମଧ୍ୟରେ ଏକ ପ୍ରତିବନ୍ଧକ ନିର୍ମାଣ କରିଛି। ଗୋଟିଏ ପ୍ରଜାତି ଅନ୍ୟ ଏକ ପ୍ରଜାତି ସହିତ ମିଳନ କରିପାରିବ ନାହିଁ। ଏକ ଟମାଟୋ ଗଛ କେବେବି ମାଛ ସହିତ ମିଳନ କରିପାରିବ ନାହିଁ। କିନ୍ତୁ ଗତ କିଛି ଦଶନ୍ଧି ମଧ୍ୟରେ, ବୈଜ୍ଞାନିକମାନେ ପ୍ରକୃତିର ଏହି ପ୍ରତିବନ୍ଧକକୁ ଭାଙ୍ଗି ଦେଇଛନ୍ତି। GM ପ୍ରଯୁକ୍ତିବିଦ୍ୟା ଅର୍ଥ ହେଉଛି ବଳପୂର୍ବକ ଗୋଟିଏ ଜୀବର ଗୁଣ ବାହାର କରି ଏକ ପ୍ରୟୋଗଶାଳାରେ ଅନ୍ୟ ଏକ ଜୀବରେ ପ୍ରବେଶ କରାଇବା। ଧରନ୍ତୁ ବୈଜ୍ଞାନିକମାନେ ଏକ ଥଣ୍ଡା ଦେଶରେ ଏମିତି ମାଛ ଖୋଜିଲେ ଯାହା ବରଫ ପାଣିରେ ବଞ୍ଚିପାରେ। ସେମାନେ ମାଛର ଥଣ୍ଡା-ରୋକିଥିବା ଜିନ୍ ବାହାର କରି ଟମାଟୋ ବିହନରେ ଦେଲେ। ଫଳରେ ଟମାଟୋ ଦେଖିବାକୁ ସାଧାରଣ ଟମାଟୋ ପରି, କିନ୍ତୁ ମାଛର ଗୁଣ ନେଇଥାଏ । ଏହା ଥଣ୍ଡାରେ ନଷ୍ଟ ହୁଏ ନାହିଁ। ଏହାକୁ GM ବିହନ କୁହାଯାଏ, ଅର୍ଥାତ୍ ଏପରି ବିହନ ପ୍ରକୃତି ଦ୍ୱାରା ନୁହେଁ ବରଂ ମଣିଷ ଦ୍ୱାରା ଏକ ପ୍ରୟୋଗଶାଳାରେ ସୃଷ୍ଟି କରାଯାଇଥିଲା। ଏବେ ପ୍ରଶ୍ନ ହେଉଛି, ଏହାର ଆବଶ୍ୟକତା କାହିଁକି ଥିଲା ? ଆମର ପାରମ୍ପରିକ ଚାଷରେ କିଛି ଅସୁବିଧା ଥିଲା କି? ଏହାର କାହାଣୀ କୀଟପତଙ୍ଗ ଏବଂ ରୋଗ ସହିତ ଆରମ୍ଭ ହୁଏ। ଚାଷୀଙ୍କ ସବୁଠାରୁ ବଡ଼ ଶତ୍ରୁ ପୋକ । ଚାଷୀମାନେ ସେମାନଙ୍କ ଫସଲକୁ ସୁରକ୍ଷା ଦେବା ପାଇଁ ବିଷ ସିଞ୍ଚନ କରିଆସୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକମାନେ Bt ପ୍ରଯୁକ୍ତିବିଦ୍ୟା ଆବିଷ୍କାର କଲେ। କପା ଭାରତରେ ଏଗ ବିହନ ପାଇଁ ଦ୍ୱାର ଖୋଲିଦେଲା। ୨୦୦୦ ଏବଂ ୨୦୦୨ ବର୍ଷ ମଧ୍ୟରେ, ଭାରତୀୟ କପା ଚାଷୀଙ୍କ ଅବସ୍ଥା ବହୁତ ଖରାପ ଥିଲା। ଆମେରିକୀୟ ବଲୱର୍ମ ଫସଲ ନଷ୍ଟ କରିଦେଲା। ଚାଷୀମାନେ ଋଣରେ ବୁଡ଼ି ରହୁଥିଲେ, ଏବଂ ଆତ୍ମହତ୍ୟା ବୃଦ୍ଧି ପାଉଥିଲା। ତାପରେ Bt କପା ନାମକ ଏକ ବିଦେଶୀ ପ୍ରଯୁକ୍ତିର ପ୍ରଚଳନ ଆରମ୍ଭ ହେଲା। Bt କ'ଣ? Bt ହେଉଛି ଏକ ଜୀବାଣୁ ଯାହାର ପୂର୍ଣ୍ଣ ନାମ Bacillus thuringiensis। ଏହି ଜୀବାଣୁ ମାଟିରେ ମିଳେ। ପ୍ରକୃତି ଏହି ଜୀବାଣୁକୁ ଏକ ବିଶେଷ ଶକ୍ତି ଦେଇଛି। ଏହା ନିଜ ଶରୀରରେ ଏକ ବିଶେଷ ପ୍ରକାରର ପ୍ରୋଟିନ୍ ଉତ୍ପାଦନ କରେ, ଯାହା ଏକ ବିଷ। କିନ୍ତୁ ଏହି ବିଷ ମଣିଷ କିମ୍ବା ପଶୁମାନଙ୍କ ପାଇଁ କ୍ଷତିକାରକ ନୁହେଁ; ଏହା କେବଳ କୀଟପତଙ୍ଗ ପାଇଁ ଘାତକ। ବୈଜ୍ଞାନିକମାନେ ଭାବିଥିଲେ ଯେ ଯଦି ଆମେ ଏହି ଜୀବାଣୁରୁ ଏହି ବିଷ ଉତ୍ପାଦନକାରୀ ଜିନ୍ ବାହାର କରି କପା ଗଛରେ ଇଞ୍ଜେକ୍ସନ ଦେବା ତେବେ କ'ଣ ହେବ। ସେମାନେ ଏହା କଲେ, ଏବଂ ଫଳସ୍ୱରୂପ ଗଛଟି ଏକ ବିଷ କାରଖାନା ହୋଇଗଲା। ପୂର୍ବରୁ, ଆମେ ଏହାକୁ ଉପର ସ୍ତରରେ ସ୍ପ୍ରେ କରୁଥିଲୁ, କିନ୍ତୁ ବର୍ତ୍ତମାନ ବିଷ ପ୍ରତ୍ୟେକ ପତ୍ର, ଫୁଲ ଏବଂ ଗଛର ଅଂଶରେ ଉପସ୍ଥିତ ଅଛି। ଏହାର ଅର୍ଥ ହେଉଛି ଯଦି କୌଣସି କୀଟ ଗୋଟିଏ ପତ୍ରକୁ ଛୁଇଁଥାଏ, ତେବେ ବିଷ ତା' ଶରୀରରେ ବ୍ୟାପିଯାଏ, ଏବଂ କୀଟ ମୃତ୍ୟୁ ମୁଖରେ ପଡେ । ପ୍ରାରମ୍ଭରେ, ଏହା ଏକ ଚମତ୍କାର ପରି ମନେ ହେଉଥିଲା। ୨୦୦୨ ମସିହାରେ, ଯେତେବେଳେ ଚାଷୀମାନେ କପା ଚାଷ କରିବା ଆରମ୍ଭ କଲେ, ଉତ୍ପାଦନ ବୃଦ୍ଧି ପାଇଲା ଏବଂ ଖର୍ଚ୍ଚ ସ୍ୱଳ୍ପ ହେଲା। ଭାରତ ଶୀଘ୍ର ବିଶ୍ୱର ସର୍ବବୃହତ କପା ଉତ୍ପାଦନକାରୀ ଦେଶ ହୋଇଗଲା। କିନ୍ତୁ ସବୁକିଛିର ଦୁଇଟି ପକ୍ଷ ଅଛି। ମଣିଷ କେବେବି ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ କରିପାରିବ ନାହିଁ। ଅନୁକୂଳନ ଏକ ଜୈବିକ ନିୟମ। ଯେତେବେଳେ ଗୋଟିଏ କୀଟପତଙ୍ଗକୁ ମାରିବା ପାଇଁ ବାରମ୍ବାର ସମାନ ଅସ୍ତ୍ର ବ୍ୟବହାର କରାଯାଏ, ସେତେବେଳେ କୀଟପତଙ୍ଗ ସେହି ଅସ୍ତ୍ର ବିରୁଦ୍ଧରେ ପ୍ରତିରକ୍ଷା ବିକଶିତ କରେ। 'ବିଟି' କପା ସହିତ ଏହା ଘଟିଥିଲା। ପ୍ରଥମ ଦଶ ବର୍ଷ ପର୍ଯ୍ୟନ୍ତ ଏହା ଭଲ ଚାଲିଥିଲା, କିନ୍ତୁ ବିଟି କପା ଉପରେ କୀଟପତଙ୍ଗ ଆକ୍ରମଣ ପୁଣି ଆରମ୍ଭ ହୋଇଥିଲା। ଆମେରିକୀୟ ବଲ ୱାର୍ମକୁ ନିପାତ କରାଯାଇଥିଲା, କିନ୍ତୁ ଏହାକୁ ଏକ ନୂତନ, ଅଧିକ ବିପଦପୂର୍ଣ୍ଣ ଶତ୍ରୁ ଦ୍ୱାରା ବଦଳାଯାଇଥିଲା: ଗୋଲାପୀ ବଲ ୱାର୍ମ, ଯାହା ବିଟିର ବିଷକୁ ହଜମ କରିପାରେ।

ଏହା ସ୍ପଷ୍ଟ ଯେ ଗୋଲାପୀ ବଲୱର୍ମ ବିଟି ବିଷକୁ ହଜମ କରିପାରେ। ଏହା ବିଷ ଦ୍ୱାରା ପ୍ରଭାବିତ ହୁଏ ନାହିଁ। ଫଳାଫଳ କ'ଣ ? ଆଜି, ଚାଷୀମାନେ ବଜାରରୁ ବିଟି କପା କିଣନ୍ତି, ଯାହା ସାଧାରଣ ବିହନ ଅପେକ୍ଷା ପାଞ୍ଚ ଗୁଣ ଅଧିକ ମହଙ୍ଗା। ସେମାନେ ଏହାର ରୟାଲ୍ଟି ଦିଅନ୍ତି, ଏବଂ ତା'ପରେ ସେମାନଙ୍କ କ୍ଷେତରେ ଗୋଲାପୀ ବୋଲୱର୍ମକୁ ମାରିବା ପାଇଁ ପୁଣି ମହଙ୍ଗା କୀଟନାଶକ ସ୍ପ୍ରେ କରିବାକୁ ପଡ଼େ। ଏହାର ଅର୍ଥ ଚାଷୀଙ୍କ ପକେଟ ପାଇଁ ଦୁଇଗୁଣ ଆଘାତ: ସେମାନେ ମହଙ୍ଗା ବିହନ କିଣନ୍ତି ଏବଂ ମହଙ୍ଗା କୀଟନାଶକ ପ୍ରୟୋଗ କରନ୍ତି। ତେଣୁ, ଏହି GM ପ୍ରଯୁକ୍ତିବିଦ୍ୟାରୁ ପ୍ରକୃତରେ କିଏ ଲାଭବାନ ହୁଏ ? ଚାଷୀ, ଯିଏ ଏପର୍ଯ୍ୟନ୍ତ ଋଣରେ ଅଛି, କିମ୍ବା ଯେଉଁ କମ୍ପାନୀ ଏହାକୁ ପେଟେଣ୍ଟ କରିଛି ଏବଂ ପ୍ରତିବର୍ଷ କୋଟି କୋଟି ଟଙ୍କା ରୋଜଗାର କରୁଛି। ଏଠାରେ ଆଉ ଏକ ବଡ଼ ଭୁଲ ଅଛି ଯାହା ହୁଏତ ବହୁତ କମ୍ ଚାଷୀ ଜାଣନ୍ତି। ଯେତେବେଳେ ଏକ କପା ପ୍ୟାକେଟ ପଠାଯାଏ, ଆପଣ ହୁଏତ ସାଧାରଣ ବିହନ ଧାରଣ କରିଥିବା ଏକ ଛୋଟ ପ୍ୟାକେଟ ଦେଖିଥିବେ। ଏହାକୁ ଆଶ୍ରୟ ବିହନ କୁହାଯାଏ। ବୈଜ୍ଞାନିକମାନେ ଆପଣଙ୍କୁ ପରାମର୍ଶ ଦେଇଛନ୍ତି ଯେ ଆପଣଙ୍କ କ୍ଷେତ ଚାରିପାଖରେ ସାଧାରଣ ବିହନ ଲଗାନ୍ତୁ ଯାହା ଦ୍ୱାରା କିଛି କୀଟପତଙ୍ଗ ବଞ୍ଚି ରହିପାରିବେ ଏବଂ Bt-ଚିକିତ୍ସା କରାଯାଇଥିବା କୀଟପତଙ୍ଗ ସହିତ ମିଳନ କରିପାରିବେ, ଭବିଷ୍ୟତ ପିଢ଼ିକୁ ଦୁର୍ବଳ କରିଦେବେ ଏବଂ ଏହାକୁ ଏକ ସୁପର-ୱାର୍ମ ହେବାରୁ ରୋକିବେ। କିନ୍ତୁ ସୂଚନା ଅଭାବ କିମ୍ବା ଲୋଭ ଯୋଗୁଁ, ଅଧିକାଂଶ ଚାଷୀ ବହୁବର୍ଷୀୟ ବିହନ ଲଗାଇବା ବନ୍ଦ କରିଦେବେ। ସେମାନେ ଭାବିଲେ, 'ଆମେ କାହିଁକି ବହୁବର୍ଷୀୟ ବିହନ ଲଗାଇବା ? ଏହା ଉତ୍ପାଦନ ହ୍ରାସ କରିବ।' ଏହା ଆମର ଭୁଲ ଥିଲା। ଏହି କାରଣରୁ କୀଟପତଙ୍ଗମାନେ BT ବିରୁଦ୍ଧରେ ଶୀଘ୍ର ଶକ୍ତି ହାସଲ କଲେ। କପା କ୍ଷେତ୍ରରେ ମଧ୍ୟ ଏହା ଘଟେ। କପା ଏକ ତନ୍ତୁ ଫସଲ। ଆମେ ଏହାକୁ ଏପରି କହୁନାହୁଁ। ଏହି କାରଣରୁ ଏହାର କମ୍ ବିରୋଧ ଥିଲା। କିନ୍ତୁ ବର୍ତ୍ତମାନ ଆମ ଉପରେ ବିପଦ ଆସୁଛି ଯେ GM ବିହନ ଖାଦ୍ୟ ଫସଲରେ ପ୍ରବେଶ କରିବା: ସୋରିଷ, ବାଇଗଣ, ମକା ଏବଂ ସୋୟାବିନ୍। କଳ୍ପନା କରନ୍ତୁ, ଯଦି ବ୍ୟାକ୍ଟେରିଆର ଜିନ୍ ବ୍ୟବହାର କରୁଥିବା ପ୍ରଯୁକ୍ତିବିଦ୍ୟା ଆମ ଖାଦ୍ୟରେ ପ୍ରବେଶ କରେ, ତେବେ ସେହି ଜିନ୍ ଆମ ଶରୀର ଉପରେ କ'ଣ ପ୍ରଭାବ ପକାଇବ ? ଏହି ପ୍ରଶ୍ନ ଉପରେ ବିଶ୍ୱର ବୈଜ୍ଞାନିକମାନେ ବିଭକ୍ତ। ଗୋଟିଏ ପକ୍ଷ କହୁଛନ୍ତି ଯେ ଏହା ସମ୍ପୂର୍ଣ୍ଣ ନିରାପଦ। 'ଆମେ ଅନେକ ପରୀକ୍ଷା କରିଛୁ,' ସେମାନେ କୁହନ୍ତି 'ଆମେରିକାରେ, ଲୋକମାନେ ଅନେକ ଦିନରୁ GM ମକା ଏବଂ ସୋୟାବିନ୍ ଖାଉଛନ୍ତି, ଏବଂ ଏହା କ୍ଷତିକାରକ ନୁହେଁ। 'ଅନ୍ୟ ପକ୍ଷ, ଅନେକ ଡାକ୍ତର ଏବଂ ପରିବେଶବିତ୍ ସମେତ, କୁହନ୍ତି ଯେ ଆମକୁ ଶୀଘ୍ର କରିବା ଉଚିତ୍ ନୁହେଁ। ସେମାନେ ଯୁକ୍ତି ଦିଅନ୍ତି ଯେ ଯେତେବେଳେ ଆମେ ଏଗ ଖାଦ୍ୟ ଖାଉ, ଆମେ ଆମ ଶରୀରରେ ନୂତନ ଆଲର୍ଜେନ୍ ପ୍ରବେଶ କରାଉ। ସେମାନଙ୍କର ଦୀର୍ଘକାଳୀନ ପ୍ରଭାବ ୨୦ କିମ୍ବା ୩୦ ବର୍ଷ ପରେ ସ୍ପଷ୍ଟ ହୁଏ। ଆଜିକାଲି ବୃଦ୍ଧି ପାଉଥିବା କର୍କଟ, ଯକୃତ ରୋଗ ଏବଂ ଅନ୍ୟାନ୍ୟ ଅସ୍ୱାଭାବିକ ଆଲର୍ଜିର କିଛି ସମ୍ପର୍କ ଆମର ପରିବର୍ତ୍ତିତ ଖାଦ୍ୟପେୟ ସହିତ ହୋଇପାରେ କି ?

# ବାହାଘର ଫଟୋ ଓ ଭିଡିଓ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଏବକାର ବାହାଘର ଅନୁଷ୍ଠାନରେ ନୀତିକାନ୍ତିରୁ କିଛି ପଛେ ରହିଯାଉ - ଫଟୋ ଆଉ ଭିଡିଓ ଖୁବ ଉଠା ହୁଏ । ବାହାଘରେ ଆତ୍ମୀୟ ସ୍ୱଜନଙ୍କ ସଂଖ୍ୟାଠୁ ଫଟୋଗ୍ରାଫର ଭିଡିଓଗ୍ରାଫରଙ୍କ ସଂଖ୍ୟା ଅଧିକ । ଏବକୁ ପୁଣି ସେ ତାଲିକାରେ ଯୋଗ ହୋଇଛନ୍ତି ଡ୍ରୋନ ଅପରେଟରମାନେ । ସେମାନେ ଛୋଟ ହେଲିକପ୍ଟର ଭଳି ଯନ୍ତ୍ର ଉଡ଼େଇ ଉପରୁ ବାହାଘର ଫଟୋ ନିଅନ୍ତି । ଏତେ କ୍ୟାମେରା ଆଉ ଟେକନିସିଆନଙ୍କୁ ଦେଖି ବେଳେବେଳେ ମନେ ହୁଏ ମୁଁ ବୋଧେ ଭୁଲରେ କୌଣସି ସିନେମାର ସୁଟିଂ ସେଟକୁ ଆସିଯାଇଛି, ଏଠି ବାହାଘର ହେଉନି, ବାହାଘରର ସୁଟିଂ ହେଉଛି । ତେବେ ଏବେକାର ବାହାଘର ଭିଡିଓଗୁଡ଼ାକ ଦେଖିଲେ ସତ କହୁଛି ମଧ୍ୟ-ଷାଠିଏ ବୟସରେ ବି ମୋର ଆଉଥରେ ବାହା ହେବାକୁ ଇଛା ହୁଏ । ମୋର ତ ମନେ ହୁଏ ବର୍ତ୍ତମାନ ସମାଜରେ ବିବାହ ବିଚ୍ଛେଦର ହାର ବଢିବାର ଅନ୍ୟତମ ମୁଖ୍ୟ କାରଣ ହୋଇଥିବ - ବାହାଘର ଭିଡିଓ । ଲୋକେ ଏମିତି ଚଳଚ୍ଚିତ୍ର ଶୈଳୀରେ ବାରମ୍ବାର ବାହା ହେବାକୁ ଚାହୁଁଛନ୍ତି । ଆଜିକାଲିର ବର କନ୍ୟା ଯେମିତି ଏକଦମ ବଲିଉଡ ହିରୋ ହିରୋଇନ ଭଳି ଦିଶନ୍ତି । ସେମିତି ବେଶପଟା, ସେମିତି ଷ୍ଟାଇଲ, ସେମିତି ମେକ ଅପ । ପୁଣି ବର କନ୍ୟା କୁଆଡ଼େ କୁଆଡ଼େ ଯାଇ ରୋମାନ୍ସ କରୁଥିବାର ଏମିତି ଦୃଶ୍ୟ ସବୁ ବାହାଘର ଭିଡିଓରେ ରହୁଛି - ମନ ପୁରା ଏବେକା ଭାଷାରେ କହିଲେ 'ଗାର୍ଡେନ ଗାର୍ଡେନ' ହୋଇ ଯାଉଛି । ଏହାକୁ 'ପ୍ରି-ୱେଡିଙ୍ଗ ସୁଟ' ବୋଲି କହୁଛନ୍ତି । କିଛି କିଛି ବାହାଘରେ ବାହାଘର ମଣ୍ଡପରେ ବଡ଼ ପରଦାରେ ଏ ଫଟୋ ଓ ଭିଡିଓଗୁଡ଼ିକ ପ୍ରଦର୍ଶିତ ବି ହୁଏ । ଲୋକେ ତାକୁ ଦେଖି ଅମୋଦିତ ହୁଅନ୍ତି । ମୋ ଭଳି କେତେକେ ଈର୍ଷାରେ ବି ଜଳନ୍ତି । ଆମ ବେଳେ (ମୁଁ ୮୦ ଦଶକ ଆରମ୍ଭରୁ ୯୦ ଦଶକର କଥା କହୁଛି) ଭିଡିଓ ନୂଆ ନୂଆ ଆସିଥାଏ । ଭିଡିଓ ଉଠେଇଲାବାଲା ବି ନୂଆ । ତେଣୁ ବାହାଘର ଭିଡିଓଗୁଡ଼ାକ ପୁରା ଦୁତିଆ ଘାଷ୍ଟ। ଏବେ ବରର ମୁହଁ ଚକ୍ରାକାରରେ ବୁଲିଲାଣି ତ ଏବେ ତାହା କେଉଁ ଫୁଲ ଭିତରେ ପଶି ଗଲାଣି । ବ୍ୟାକଗ୍ରାଉଣ୍ଡରେ କିଛି ହିନ୍ଦୀ ଓଡ଼ିଆ ରୋମାଣ୍ଟିକ ଗୀତ । ଫୁଲ ଭଁଅର ନଇ ପାହାଡ଼ ଝରଣା ଭିତରେ ଭଗବାନ ପ୍ରକଟ ହେଲା ଭଳି ବର କନ୍ୟା ପ୍ରକଟ ହେବାର ଦୃଶ୍ୟ ଦେଖାଉ ଦେଖାଉ ହଠାତ ତା ଭିତରେ ବାହାଘର ପ୍ରସେସନ ପଶି ଆସିଲା । ବରଯାତ୍ରୀଙ୍କ ଉଦଣ୍ଡ ନୃତ୍ୟ ପରେ ସେମାନଙ୍କ ଖାଇବାର ଦୃଶ୍ୟ । କୌଣସି ବିଶେଷ କାରଣରୁ - ଯାହା ମୋତେ ଏଯାଏଁ ଅଜଣା - ଭିଡିଓବାଲା ସେମାନଙ୍କ ଖାଇବା ପ୍ଲେଟ ଆଉ ସେମାନେ କେମିତି ଖାଉଛନ୍ତି ତାକୁ ବାରମ୍ବାର ଜୁମ କରି ଦେଖାଉଥିଲେ । ତାପରେ ବାହାଘର ରୀତିନୀତିର ଦୀର୍ଘ ଦୃଶ୍ୟ । ମଝିରେ ମଝିରେ ଆତ୍ମୀୟ ସ୍ୱଜନଙ୍କ କ୍ଲୋଜ-ଅପ । ତାପରେ ଝିଅ ବିଦା ହେବାର ଦୃଶ୍ୟ । ବ୍ୟାକଗ୍ରାଉଣ୍ଡରେ ଦୁଃଖ ଗୀତ । ଶେଷରେ ପୁଣି ଫୁଲ ପତ୍ର ଭିତରେ ବରକନ୍ୟାଙ୍କ ମୁହଁ । ବ୍ୟାକଗ୍ରାଉଣ୍ଡରେ ରୋମାଣ୍ଟିକ ଗୀତ । ଏବେ ସେ ଭିଡିଓ ଦେଖିଲେ ମା ରାଣ - ଭିଡିଓବାଲାକୁ ମର୍ଡର କରିଦେବାକୁ ଇଛା ହୁଏ । କିନ୍ତୁ ଗୋଟିଏ କାରଣ ପାଇଁ ମୁଁ ମୋ ବାହାଘର ଭିଡିଓ ଏବେ ବି ବେଳେବେଳେ ଦେଖେ । ସେଥିରେ ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବ - ସମସ୍ତେ ଥିଲେ । ସେମାନଙ୍କ ଭିତରୁ ଅନେକେ ଏବେ ଆଉ ନାହାନ୍ତି । ମରିହଜି ଗଲେଣି। ଫଟୋ ହୋଇ କାନ୍ଥରେ ଝୁଲିଲେଣି । ଅନେକେ ଫଟୋରେ ପିଲା ଥିଲେ, ଏବେ ବୟସ୍କ ହେଲେଣି । ଅନେକେ ବିସ୍ମୃତିର ବୁଢ଼ିଆଣୀ ଜାଲରେ ଅସ୍ପଷ୍ଟ ହୋଇଯାଇଥିଲେ, ଭିଡିଓ ଦେଖିଲେ ପରେ ମନେ ପଡ଼ିଲେ ।

ବର୍ତ୍ତମାନର ବାହାଘର ଭିଡିଓରେ କେବଳ ଟୁଆଁ-ଟୁଇଁଙ୍କୁ ଦେଖିବେ । ଆଉ ଖୁବ ବେଶୀରେ କିଛି ଦୃଶ୍ୟରେ ସେମାନଙ୍କ ବାପାମା । ଆଉ କେହି ନାହାନ୍ତି । ଆମ ବେଳେ ପରିବାରଟା ବଡ଼ ଥିଲା, ଆଉ ବାହାଘର ଭିଡିଓରେ ତାହା ଦିଶୁଥିଲା । ଏବେ ବୋଧହୁଏ ପରିବାରର ପରିସର ଖୁବ ଛୋଟ ହୋଇଯାଇଛି । ବାହାଘର ଭିଡିଓରେ ସେମାନେ ଦିଶୁନାହାନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚକାଟ୍ ଆହ୍ୱାନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ପେଟ୍ରୋଲ, ଡିଜେଲ ବ୍ୟବହାର କମ୍ କରିବା, ବୈଦ୍ୟୁତିକ ଯାନ ଏବଂ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଆପଣାଇବା, ବର୍ଷକ ପାଇଁ ସୁନା କିଣିବା ବନ୍ଦ ରଖିବା, ବିଦେଶ ଗସ୍ତ ନକରିବା, କରୋନା ସମୟରେ ଘରେ ରହିବା କାମ କରିବା ଭଳି ଏବେ ଘରେ ରହିବା କାର୍ଯ୍ୟ କରିବା ଏବଂ ରସାୟନିକ ସାର ବ୍ୟବହାର ବନ୍ଦ କରିବା ଆଦି ସାତ ଦଫା ସମ୍ବଳିତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱନ ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶର ଅର୍ଥନୀତି ଏବେ ଗୁରୁତର ସଂକଟର ସମ୍ମୁଖୀନ ହୋଇଥିବା ନେଇ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ କେବଳ ଅର୍ଥବ୍ୟବସ୍ଥା ନୁହେଁ, ଦେଶ ଗୁରୁତର ତୈଳ ସଂକଟର ସମ୍ମୁଖୀନ ହୋଇଥିବା ନେଇ ମଧ୍ୟ ସଂକେତ ଦିଏ। ସେହିପରି ଏହି ସାତ ଦଫା ପ୍ରସ୍ତାବର କାର୍ଯ୍ୟକାରୀ କରିବା ତଥା ସମ୍ଭାବ୍ୟ ଆର୍ଥୀକ ସଂକଟର ମୁକାବିଲା ପାଇଁ ଖର୍ଚ୍ଚକାଟ ଲାଗି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପରୋକ୍ଷ ପରାମର୍ଶ ଦେଇଛନ୍ତି, ଏଥିରେ ସନ୍ଦେହ ନାହିଁ। ଉଲ୍ଲେଖଯୋଗ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତୈଳ ପରିବହନର ମଧ୍ୟମ ହମୁର୍ଜ ପ୍ରଣାଳୀ ଦୀର୍ଘ ୭୫ଦିନ ବନ୍ଦ ରହିଛି। ଏହର ପ୍ରଭାବରେ ବିଶ୍ୱରେ ୨୦ପ୍ରତିଶତ ତୈଳ ଯୋଗାଣ ହ୍ରାସ ପାଇଛି। ପରିଣତି ସ୍ୱରୁପ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ତୈଳ ଯୋଗାଣ ହ୍ରାସ ପାଇଛି। ପରିଣତି ସ୍ୱରୁପ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ତୈଳ ସଂକଟ ସୃଷ୍ଟି ହେବା ସହ ଫେବୃୟାରୀ ମାସର ଦର ତୁଳନାରେ ତୈଳ ମୂଲ୍ୟ ୫୦ପ୍ରତିଶତ ବୃଦ୍ଧି ପାଇଛି। ଆମ ଦେଶରେ ତୈଳ ଓ ଗ୍ୟାସରେ ମାସିକ ୩୦ହଜାର କୋଟି କ୍ଷତି ହେଉଥିବାବେଳେ ଗତ ୩ମାସରେ ୯୦ହଜାର କୋଟି କ୍ଷତି ଘଟିଲାଣି। କେବଳ ଏତିକି ଦରବୃଦ୍ଧି ଯୋଗୁଁ ୨୦୨୫-୨୬ରେ ଅଶୋଧିତ ତୈଳ ଆମଦାନୀ ୧୭୩ ବିଲିଅନ ଡଲାରକୁ ବୃଦ୍ଧି ପାଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୫.୨ ଟଙ୍କାକୁ ହ୍ରାସ ପାଇଛି। ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ମଧ ହ୍ରାସ ପାଇବାରେ ଲାଗିଛି। ଏହା ସତ୍ତ୍ୱେ ଦେଶରେ ଗ୍ୟାସ ଦର ବୃଦ୍ଧି ପାଇଥିବାବେଳେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଗତ ୪ବର୍ଷ ଧରି ଅପରିବର୍ତ୍ତିତ ରହିଛି। ଆଉ ଯଦି କିଛି ଦିନ ଯୁଦ୍ଧ ଲାଗି ରହେ, ତେବେ ତୈଳଦର ବୃଦ୍ଧି ନିଶ୍ଚିତ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସଂକେତ ଦେଇସାରିଛନ୍ତି । ଦେଶରେ ହଜାର ହଜାର ପେଟ୍ରୋଲ ପମ୍ପରେ ଏତେ ତୈଳ ଅଭାବରୁ ତାଲା ପଡିଥିବା ରିପୋର୍ଟ ପ୍ରକାଶ ପାଇଥିବାବେଳେ ଇନ୍ଧନ ଗ୍ୟାସ ଆବଣ୍ଟନରେ କଟକଣା ଲାଗୁ ହୋଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ସମ୍ଭାବ୍ୟ ସଂକଟ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ତାଙ୍କର କାରକେଡକୁ ୫୦ପ୍ରତିଶତ ହ୍ରାସ କରିଛନ୍ତି। ଓଡିଶା ସମେତ ସମସ୍ତ ବିଜେପି ଶାସିତରାଜ୍ୟର ମୁଖ୍ୟମନ୍ତ୍ରୀ କାରକେଡକୁ କାଟଛାଟ କରିଛନ୍ତି। କେତେକ ମନ୍ତ୍ରୀ ବସରେ ଯାତାୟତ କରିବା ପାଇଁ କହିସାରିଲେଣି। ସେହପରି ଦେଶରେ ୨୦୨୫-୨୬ ରେ ସୁନା ଆମଦାନୀ ୭୧.୯ ବିଲିଅନ ଡଲାରକୁ ବୃଦ୍ଧି ପାଇଛି। ସୁନା ଓ ବିଦେଶ ଗସ୍ତର ପ୍ରଭାବ ସିଧାସଳଖ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡିଛି। ଯୁଦ୍ଧ ଲାଗିବାର ମାସକ ମଧ୍ୟରେ ଅର୍ଥାତ ମାର୍ଚ୍ଚ ମାସ ସୁଦ୍ଧା ବୈଦେଶିକ ମୁଦ୍ରା ଭଣ୍ଡାର ୩ପ୍ରତିଶତ ହ୍ରାସ ପାଇଥିଲା। ଟଙ୍କାର ମୂଲ୍ୟ ହ୍ରାସ ଦିନକୁ ଦିନ ବୃଦ୍ଧି ପାଇବା ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇବା ଯୋଗୁଁ ବହୁ ବୈଦେଶିକ ପୁଞ୍ଜି ନିବେଶକାରୀ ଇତମିଧରେ ଦେଶରୁ ସେମାନଙ୍କର ପୁଞ୍ଜି ପ୍ରତ୍ୟାହାର କରିନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏକ ଅର୍ଥନୈତିକ ରିପୋର୍ଟରେ କୁହାଯାଇଛି ଯେ, ୨୦୧୬ଠାରୁ ଏମଓୟୁ ସ୍ୱାକ୍ଷରିତ କରିଥିବା ୩୬ଟି ବିଦେଶୀ କମ୍ପାନୀ ମଧ୍ୟରୁ ୧୩ଟି ପୁଞ୍ଜି ପ୍ରତ୍ୟାହାର କରିସାରିଲେଣି। ଦେଶରେ ପରିବାରଗୁଡିକ ନିକଟରେ ୩୫୦୦୦ଟନ ସୁନା ଅଳଙ୍କାର ମହଜୁଦ ରହିଥିବା ବେଳେ ମୂଲ୍ୟ ବୃଦ୍ଧି ସହ ଲୋକଙ୍କ ସୁନା ମୋହ କମି ନାହିଁ। ଏବେ ସରକାର ସୁନା ଆମଦାନୀ ଉପରେ ଆମଦାନୀ ଶୁଳ୍କ ଦୁଇଗୁଣରୁ ଅଧିକ ବୃଦ୍ଧି କରିବା ଯୋଗୁଁ ଏହାର ମୂଲ୍ୟ ଆକାଶଛୁଆଁ ହୋଇଛି । ଆଶା କରାଯାଏ ଲୋକଙ୍କ ସୁନା ପ୍ରତି ହ୍ରାସ ପାଇବ। ବିଶ୍ୱରେ ଭାରତ ଚତୁର୍ଥ ବୃହତମ ଅର୍ଥନୈତିକ ମହାଶକ୍ତିର ମାନ୍ୟତା ପାଇଥିବାବେଳେ ଏବେ ଷଷ୍ଠ ସ୍ଥାନକୁ ଖସିବା ଦେଶର ଅର୍ଥନୀତି ଯେ ସଂକଟଗ୍ରସ୍ତ, ଏହା ସ୍ୱୀକାର କରିବାକୁ ହେବ। ସେହିପରି ଯୁଦ୍ଧ ପରଠାରୁ ଦେଶରେ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି, କିନ୍ତୁ ଏହାର ମୁକାବିଲାରେ ସରକାର ହାତ ଟେକି ଦେଇଥିବା ମନେହୁଏ। ଯଦୀ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ଘଟେ, ଦରବୃଦ୍ଧି ଆହୁ ଉପର ମୁହାଁ ହେବା କେହି ରୋକିପାରିବେ ନାହିଁ, ଏହା ନିଶ୍ଚିତ। ଏଭଳି ଏକ ସଂକଟଜନକ ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଖର୍ଚ୍ଚକାଟ ପଦକ୍ଷେପ ଦ୍ୱିଧାର ହେବା ସହ ସମସ୍ୟାତ୍ମକ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ବିଦେଶଗସ୍ତ ନକରିବା ଫଳରେ ବିମାନ ଉଡାଣ ଉପରେ ଏହାର ପ୍ରଭାବ ପଡିବ। ତୈଳ ଉପରେ କଟକଣା ପେଟ୍ରୋଲ ପମ୍ପ ମାଲିକଙ୍କ ଆୟ ହ୍ରାସ କରିବ ସହ କର୍ମଚାରୀ ଛଟେଇକୁ ଏଡାଇ ଦିଆଯାଇନପାରେ। ସୁନା କିଣିବା ବନ୍ଦ ଉଭୟ ସୁନା ବ୍ୟବସାୟୀ ଓ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଏପରିକି ଦୋକାନ ବନ୍ଦ ଓ କର୍ମଚାରୀ ଛଟେଇକୁ ଆମନ୍ତ୍ରଣ କରିବ। ସେହିପରି ବିବାହ ବନ୍ଧନକୁ ମଧ ପ୍ରଭାବିତ କରିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ରାସାୟନିକ ସାର ବ୍ୟବହାର ବନ୍ଦ କୃଷି ଉତ୍ପାଦନ ହ୍ରାସ କରିବ। ଚଳିତ ବର୍ଷ ଏଲ ନିନୋ କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ଲାଗି ଅଗ୍ରସର ହେଉଥିବା ସମୟରେ ସାର ସଂକଟ ଅମଳ ହ୍ରାସ କରିବା, ଏଥିରେ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## 'ନେତିରି ନେତ ନାନୀ'

ଡ. ସନ୍ତୋଷ କୁମାର ପଣ୍ଡା



ବରଗଛ ମୂଳେ ଯେତେବେଳେ ଚଇତି ପବନ ଧୂଳି ଉଡ଼ାଇ ଖେଳେ, ସେତେବେଳେ ଗୋଟିଏ ସ୍ୱର ସାରା ଗାଁରେ ପ୍ରତିଧ୍ୱନିତ ହୁଏ - 'ଆରେ ବାବୁ, ପାଠ ପଢ଼ିଲେ ସିନା ମଣିଷ ହେବୁ, ନହେଲେ ଏମିତି ଅନ୍ଧାରରେ ବୁଲୁଥିବୁ!' ସେଇ ସ୍ୱରଟି ଥିଲା ନେତ ନାନୀର। ପୂରା ନାଁ ନେତ୍ରମଣି, କିନ୍ତୁ ଗାଁ ଲୋକଙ୍କ ପାଇଁ ସେ ଥିଲା 'ନେତ୍ରୀ ନେତ ନାନୀ'।

ନେତ ନାନୀ କୌଣସି ବଡ଼ ରାଜନୈତିକ ଦଳର ନେତ୍ରୀ ନଥିଲା, କିମ୍ବା ତା' ପାଖରେ କୌଣସି ସରକାରୀ ପଦବୀ ନଥିଲା। ସେ ଥିଲା ଗାଁର ସେଇ ସାଧାରଣ ନାରୀ, ଯିଏ ନିଜ ଜୀବନର ସବୁ ଅଭାବ ଅନଟନକୁ ପଛରେ ପକାଇ ଅନ୍ୟମାନଙ୍କ ଆଖିରେ ଆଲୋକ ଭରିବାକୁ ଚେଷ୍ଟା କରୁଥିଲା। ତା'ର ପିନ୍ଧା ଲୁଗା ଖଣ୍ଡିକ ତାଳି ପଡ଼ିଥାଇପାରେ, କିନ୍ତୁ ତା'ର ସଂକଳ୍ପ ଥିଲା ହିମାଳୟ ପରି ଅଟଳ। ନେତ ନାନୀର ଜୀବନ କାହାଣୀ କୌଣସି ଚଳଚ୍ଚିତ୍ରଠାରୁ କମ୍ ନୁହେଁ। ଅଳ୍ପ ବୟସରେ ବିଧବା ହେବା ପରେ, ସମାଜର କଟୁ କଥା ଓ ପରିବାରର ଅବହେଳା ତାକୁ ଭାଙ୍ଗି ଦେଇପାରିଥାନ୍ତା। କିନ୍ତୁ ସେ ହାରି ନଥିଲା। ସେ ବୁଝିଥିଲା ଯେ ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହା ଦ୍ୱାରା ଅନ୍ଧବିଶ୍ୱାସ ଓ ଦାରିଦ୍ର୍ୟକୁ ପରାସ୍ତ କରାଯାଇପାରିବ। ସେ ନିଜେ ସ୍କୁଲ ମାଟି ମାଡ଼ି ନଥିଲେ ବି, ପ୍ରତିଟି ଅକ୍ଷରର ମୂଲ୍ୟ ସେ ଭଲ ଭାବେ ଜାଣିଥିଲା।

ଗାଁର ହରିଜନ ବସ୍ତିଠାରୁ ଆରମ୍ଭ କରି ବଡ଼ ବଡ଼ ସାହି ପର୍ଯ୍ୟନ୍ତ, ନେତ ନାନୀର ପାଦଚିହ୍ନ ସବୁଠି ଥିଲା। ସେ ସକାଳୁ ଉଠି ଘର ଘର ବୁଲି ପିଲାମାନଙ୍କୁ ସ୍କୁଲ ପଠାଇବା ପାଇଁ ମାଆମାନଙ୍କୁ ବୁଝାଉଥିଲା। ଲୋକେ ତାକୁ ଥଟ୍ଟା କରି କହୁଥିଲେ, 'ଆଲୋ ନେତୀ, ତୁ କ'ଣ କଲେକ୍ଟର ହେବୁ ଯେ ସମସ୍ତଙ୍କୁ ପାଠ ପଢ଼ାଇବାକୁ ବାହାରିଛୁ?' ନେତ ନାନୀ ହସିଦେଇ କହେ, 'ମୁଁ କଲେକ୍ଟର ହେବିନି ସିନା, କିନ୍ତୁ ଏଇ ପିଲାଙ୍କ ଭିତରୁ କିଏ ଜଣେ ନିଶ୍ଚୟ ହେବ।' ଥରେ ଗାଁରେ ଏକ ବଡ଼ ସମସ୍ୟା ଦେଖାଦେଲା। ଗାଁର ଏକମାତ୍ର ପ୍ରାଥମିକ ସ୍କୁଲଟି ଭାଙ୍ଗିରୁଜି ଯାଇଥିଲା। ବର୍ଷା ଦିନେ ଛାତରୁ ପାଣି ଗଳୁଥିବାରୁ ପିଲାମାନେ ପଢ଼ିପାରୁ ନଥିଲେ। ସରକାରୀ ଅନୁଦାନ ଆସୁଥିଲା ସତ, କିନ୍ତୁ ତାହା କେଉଁଆଡ଼େ ବାଟମାରଣା ହୋଇଯାଉଥିଲା। ଗାଁର ମୁଖିଆମାନେ ନୀରବ ଥିଲେ। କିନ୍ତୁ ନେତ ନାନୀ ନୀରବ ରହିପାରିଲା ନାହିଁ। ସେ ଦିନ ସେ ଗାଁର ସବୁ ମହିଳାମାନଙ୍କୁ ଏକାଠି କଲା। ସେମାନଙ୍କୁ ବୁଝାଇଲା ଯେ ଯଦି ଆଜି ସେମାନେ ନିଜ ପିଲାଙ୍କ ପାଇଁ ସ୍ୱର ଉତ୍ତୋଳନ ନ କରିବେ, ତେବେ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ପ୍ରଥମେ ଲୋକେ ଡରୁଥିଲେ, କିନ୍ତୁ ନେତ ନାନୀର ଦମ୍ଭ ଦେଖି ସମସ୍ତେ ସାହସ ବାନ୍ଧିଲେ। ସେ ନିଜେ ପଞ୍ଚାୟତ ଅଫିସ ଆଗରେ ଯାଇ ଧାରଣା ଦେଲା। ତା'ର ଗୋଟିଏ ଜିଦ୍ - 'ଆମ ପିଲାଙ୍କୁ ସୁରକ୍ଷିତ ଶ୍ରେଣୀ ଗୃହ ଦିଅ, ନହେଲେ ଏଇଠୁ ଆମେ ହଟିବୁ ନାହିଁ। ତା'ର ଏଇ ସାହସିକ ପଦକ୍ଷେପ ପାଇଁ ସେଦିନ ଲୋକେ ତାକୁ ନୂଆ ନାଁ ଦେଲେ - 'ନେତ୍ରୀ'। ସେ କୌଣସି ଭୋଟ ପାଇଁ ନୁହେଁ, ବରଂ ଜଣେ ପ୍ରକୃତ ନେତ୍ରୀ ଭଳି ଅଧିକାର ପାଇଁ ଲଢୁଥିଲା। ନେତ ନାନୀ କେବଳ ଶିକ୍ଷା ନୁହେଁ, ପରିବେଶ ପ୍ରତି ମଧ୍ୟ ସଚେତନ ଥିଲା। ସେ ଗାଁ ପୋଖରୀକୁ ସଫା ରଖିବା ପାଇଁ ଲୋକଙ୍କୁ ଶପଥ କରାଇଥିଲା। ଗାଁ ପାଖ ଜଙ୍ଗଲରେ ନିଆଁ ଲାଗିଲେ ସେ ସମସ୍ତଙ୍କ ଆଗରେ ଦୌଡ଼ି ଯାଉଥିଲା ପାଣି ବାଲଟି ଧରି। ସେ କହୁଥିଲା, 'ଏଇ ଗଛଲତା, ପାଣି ପବନ ହେଉଛି ଆମର ପ୍ରକୃତ ସମ୍ପତ୍ତି। ଏହାକୁ ନଷ୍ଟ କଲେ ଆମେ ବଞ୍ଚିବା କେମିତି?' ଓଡ଼ିଆ ସଂସ୍କୃତି ଓ ପରମ୍ପରା ପ୍ରତି ତା'ର ଅଗାଧ ପ୍ରେମ ଥିଲା। ମଝିରେ ମଝିରେ ସେ ବରଗଛ ମୂଳେ ପିଲାମାନଙ୍କୁ ଏକାଠି କରି ପୁରାଣ ଓ ଇତିହାସର ଗପ ଶୁଣାଉଥିଲା। ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗ ଓ ମଧୁବାବୁଙ୍କ ସ୍ୱାଭିମାନର କଥା ଶୁଣାଇ ସେ ପିଲାମାନଙ୍କ ମନରେ ଦେଶପ୍ରେମର ବୀଜ ବୁଣୁଥିଲା।

ଆଜି ସେଇ ଗାଁର ଚେହେରା ବଦଳି ଯାଇଛି। ସ୍କୁଲର ପକ୍କା ଘର ହୋଇଛି, ପିଲାମାନେ ସହରକୁ ଯାଇ ଉଚ୍ଚଶିକ୍ଷା ଲାଭ କରୁଛନ୍ତି। ନେତ୍ରୀ ନେତ ନାନୀ ଆଜି ବହୁତ ବୃଦ୍ଧା, କିନ୍ତୁ ତା'ର ସେଇ ସ୍ୱପ୍ନଗୁଡ଼ିକ ଆଜି ଡେଣା ମେଲି ଉଡୁଛନ୍ତି। ଗାଁର ସବୁଠାରୁ ବଡ଼ ସଫଳତା ହେଉଛି ଯେ, ଆଜି ସେଠାରେ ପ୍ରତିଟି ଝିଅ ଶିକ୍ଷିତ। ନେତ ନାନୀ ଆମକୁ ଶିଖାଇ ଦେଇଗଲା ଯେ, ନେତୃତ୍ୱ ନେବା ପାଇଁ କ୍ଷମତା କିମ୍ବା ଅର୍ଥର ଆବଶ୍ୟକତା ନାହିଁ, ବରଂ ଏକ ନିର୍ମଳ ହୃଦୟ ଓ ଦୃଢ଼ ଇଚ୍ଛାଶକ୍ତି ହିଁ ଯଥେଷ୍ଟ। ସେ କେବଳ ଜଣେ ସାଧାରଣ ନାରୀ ନଥିଲା, ସେ ଥିଲା ଗାଁର ଅନ୍ଧକାର ପଥର ଏକ ଜଳନ୍ତା ମଶାଲ। ଜଣେ ବ୍ୟକ୍ତିର ସଂକଳ୍ପ କିପରି ଏକ ସମାଜକୁ ପରିବର୍ତ୍ତନ କରିପାରେ, 'ନେତ୍ରୀ ନେତ ନାନୀ' ତା'ର ଏକ ଜ୍ୱଳନ୍ତ ଉଦାହରଣ। ତାଙ୍କର ନିସ୍ୱାର୍ଥପର ସେବା ଓ ଶିକ୍ଷା ପ୍ରତି ଆଗ୍ରହ ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ।

କଟକ।

ମୋ : ୮୨୪୯୦୨୧୪୨୪।

## ଡିଲିଟ

ଶିବାଶିଷ ପାଢ଼ୀ



ସେ ବସିଥିଲେ ମୋ ପାଖ ଚୌକିରେ । ମୋତେ କେମିତି ଅଲଗା ଅଲଗା ଲାଗୁଥିଲା । ନିଜକୁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଲାଗୁଥିଲା । ଆଉ ଲାଗିବ ବି ନାହିଁ କାହିଁକି ? ଏତେବଡ ପ୍ରଶାସନିକ ଅଧିକାରୀ। ସେ ଯେ କେବଳ ବସିଥିଲେ ଏମିତି ବି ନୁହେଁ । କଥାବାର୍ତ୍ତା ବି ହେଉଥିଲେ ।

ତାଙ୍କ ନାଁ ଶୁଣିଥିଲି ମୁଁ ଅନେକ ଦିନରୁ । ତାଙ୍କ ଲେଖା ପଢ଼ିଥିଲି । ଚମତ୍କୃତ ହୋଇଥିଲି ।

ସମାଜର ତ୍ରୁଟିବିଚ୍ୟୁତି ଉପରେ ତାଙ୍କ ତୀକ୍ଷ୍ଣ ନଜର । ଗରିବ ଅସହାୟ ଲୋକଙ୍କ ମର୍ମର କଥାକୁ ସେ ଯେଉଁଭଳି ଭାବରେ ଉପସ୍ଥାପନା କରନ୍ତି ତାକୁ ନେଇ ତାଙ୍କ ବିଷୟରେ କଳ୍ପନା ଜଳ୍ପନାରେ କାଟିଥିଲି ଅନେକ ସମୟ । ଭ୍ରଷ୍ଟାଚାର ବିପକ୍ଷରେ ତାଙ୍କ କଲମର ବିଦ୍ରୋହ ମୋତେ ସବୁବେଳେ ଅନୁପ୍ରାଣିତ କରୁଥିଲା । ଏଭଳି ବ୍ୟକ୍ତିତ୍ୱର ଅଧିକାରୀଙ୍କଠୁଁ ଅନେକ କିଛି ଜାଣିବାକୁ ଶୁଣିବାକୁ ମୋର ଆଗ୍ରହ ନେଇକି ତାଙ୍କ ପାଖ ଚୌକିରେ ବସାଇଥିଲା ମୋତେ । ବେଶ ଗମ୍ଭୀରଥିଲେ ସେ। ମଞ୍ଚରେ ଚାଲିଥିବା କାର୍ଯ୍ୟକ୍ରମକୁ ଶୁଣିବାରେ ବ୍ୟସ୍ତଥିଲେ । ତାଙ୍କ ସହ କଥା ହେବା ପାଇଁ ସଂକୋଚ ଲାଗୁଥିଲା ମୋତେ ତଥାପି କେତେବେଳେ କେମିତି ପଚାରି ଦେଉଥିଲି କିଛିକିଛି । ଚୁମ୍ବକରେ ଉତ୍ତର ଦେଉଥିଲେ ସେ । ସେଇଥିରୁ ବଢିଥିଲା ମୋର ସାହସ । ଆହୁରି ଆହୁରି ପଚାରି ଚାଲିଥିଲି ମୁଁ । ଏବେ କିନ୍ତୁ ମୋ ଆଡକୁ ସମ୍ପୂର୍ଣ୍ଣ ଧ୍ୟାନ ଦେଇଥିଲେ ସେ । ମୋର ପ୍ରଶ୍ନର ସମୁଚିତ ଉତ୍ତର ଦେଇଥିଲେ ଓ ମୋର ପ୍ରଶଂସାକୁ ହସହସ ଚେହେରାରେ ଆମ୍ବସ୍ଥ କରି କହିଥିଲେ — ଆପଣଙ୍କୁ ମୁଁ ଜାଣିଛି । ଥରେକେତେ ଆପଣଙ୍କ ଲେଖା ପଢ଼ିଛି । ଲେଖା ଜାରି ରଖନ୍ତୁ ।

ସେ ଯେ ମୋତେ ଜାଣିଛନ୍ତି ଏ ଭାବନା ମୋତେ ଯେମିତି ସ୍ୱର୍ଗସୁଖ ପ୍ରଦାନ କରୁଥିଲା । କୃତକୃତ୍ୟ ହୋଇଯାଇ ମୁଁ କୃତଜ୍ଞତା ଜଣାଇ ସାରଙ୍କ ଫୋନ ନମ୍ବର ମାଗିପକାଇ କହିଲି

କେବେ କେମିତି ଛୁଟିଦିନ ଦେଖି ଫୋନ କରିବି ସାର ।

ସମ୍ମତି ଦେଇ ପୁଣି ମଞ୍ଚରେ ମନୋନିବେଶ କରୁଥିଲେ ସେ ହେଲେ ମନ ମୋର ଉଡି ବୁଲୁଥିଲା। ହଠାତ ମନେ ପଡିଲା ମୋର ଦୂର ସମ୍ପର୍କୀୟ ଭଉଣୀ ସାଗରୀକାର କଥା ।

ଦୁଇବର୍ଷ ହେବ ଏକ ଦୂର ସ୍ଥାନକୁ ବଦଳି ହୋଇ ଘାଣ୍ଟି ହୋଇ ଯାଉଥିଲା ସେ । ଅନେକ ଚେଷ୍ଟା ପରେ ବି ତାର ବଦଳି ହୋଇପାରୁ ନଥିଲା। ସାରଙ୍କ ପଦୁଟିଏ କଥାରେ ହୋଇଯିବ କାମ ଆଉ ତାଙ୍କ ପରି ଉଦାର ହୃଦୟର ସ୍ୱାମୀ ନିଶ୍ଚୟ ସାଗରୀକାର ଦୁଃଖକୁ ହୃଦୟଙ୍ଗମ କରିବେ ଭାବି ସାରଙ୍କୁ ସାଗରୀକା ବିଷୟରେ କହିବା ପାଇଁ ମୋ ଭିତରେ ବସିଥିବା ସ୍ୱାର୍ଥପର ମଣିଷଟି ମୋତେ ବାଧ କରୁଥିଲା । ହେଲେ ସେ ପୁଣି କହୁଥିଲା ଆଜିକାଲି ଏମିତି କ୍ଷେତ୍ରରେ ଗୋପନୀୟ ସାହାଯ୍ୟ କରିବା ଠିକ ନୁହେଁ । ଏମିତିରେ ତ ଆଜିକାଲି କାହାଠୁ କୃତଜ୍ଞତା ଆଶା କରିବା ବୃଥା କାରଣ ସମୟ ସହ ମଣିଷ ଭୁଲିଯାଏ ଉପକାର । ସାମାନ୍ୟ ସ୍ୱାର୍ଥହାନୀ ହେଲେ ଭୁଲିଯାଏ ପୂର୍ବର ସମସ୍ତ ଉପକାର । ଉପକାରୀ ମଣିଷକୁ ହଲାପଟା କରେ । ସାଗରୀକାକୁ ଜଣାଇବାର କିଛି ଆବଶ୍ୟକ ନାହିଁ ବୋଲି ବିବେକ ବାରମ୍ବାର କହୁଥିଲା ତଥାପି ସାଗରୀକାକୁ ଜଣାଇ କିଛି ସାମୟିକ ଖୁସି ସାଉଁଟିବାକୁ ବଦମାସ ମନ ବାଧ୍ୟ କରିଥିଲା ମୋତେ ।

ମୁଁ ଉଠିଆସିଥିଲି ବାହାରକୁ ଯେଉଁଠି ଆସୁ ନଥିଲା ସାଉଣ୍ଡବାକ୍ସର କୋଳାହଳ । ବିପୁଳ ଉତ୍ସାହରେ ଫୋନ ଲଗାଇଲି ସାଗରୀକାକୁ । ସେ ଫୋନ ଉଠାଉ ଉଠାଉ ମୁଁ ଅତ୍ୟନ୍ତ ଆଗ୍ରହରେ କହିଚାଲିଲି ସାରଙ୍କ କଥା । ଆଶା କରୁଥିଲି ସାଗରୀକା ବି ଖୁସି ହୋଇଯିବ ପ୍ରବଳ । ଉତ୍ସାହିତ ହେବ ହେଲେ ମୋ କଥାରେ ଜମା ଆଗ୍ରହ ପ୍ରକାଶ କରୁନଥିଲା ସେ । ତାର ଉତ୍ତରରୁ ଜାଣି ପାରୁଥିଲି ମୁଁ ।

ହଁ, ହାଁରେ ଉତ୍ତର ଦେଉଥିଲା ସେ । ସବୁ ଶୁଣିସାରି କହିଲା —

ଦାଦା ତୁ ମୋ କଥା ଜମା କହିବୁ ନାହିଁ । ତାଙ୍କ ପାଖକୁ ଫାଇଲ ଶେଷ ଆଡକୁ ଯାଏ । ଆଉ ତାଙ୍କ ରେଟ ଫିକ୍ସ ଅଛି । ବିନା ପଇସାରେ ମାଛି ବି ମାରିବନାହିଁ ସେ । ତୁ ଯଦି ମୋ କଥା କହିଦେବୁ ତେବେ ହେବା କଥା ବି ହେବ ନାହିଁ । ସେ ଭାବିବ ମୁଁ ବିନାପଇସାରେ ତୋ ପରିଚୟକୁ ବ୍ୟବହାର କରି କାମ ହାସଲ କରିବାପାଇଁ ଚାହୁଁଛି ।

କଥା ତୁଟାଇ ଦେଇଥିଲା ସାଗରୀକା । କହିଥିଲା ମୁଁ ଲାଗିଛି ଦାଦା । ଦେଖାଯାଉ ।

ଫୋନ କାଟିଦେଇଥିଲା ସାଗରୀକା । ମୁଁ କିନ୍ତୁ ଆଉ ମୋ ଜାଗାକୁ ଫେରି ନଥିଲି । ସାଗରିକାର କଥାକୁ ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁ ନଥିଲା। ଭାବୁଥିଲି କେମିତି ଏମିତି ଦ୍ୱୈତ ଚରିତ୍ର ନେଇ ବଞ୍ଚି ପାରନ୍ତି ଲୋକେ। ପଛପଟେ ଖାଲିଚୌକି ଦେଖି ବସିଯାଇଥିଲି ମୁଁ । ମଞ୍ଚରେ ଭାଷଣ ଦେଉଥିଲେ ସାର । ନିଜ ଚମତ୍କାର କଥା ଦ୍ୱାରା ସମସ୍ତଙ୍କ ମନକୁ ମୋହି ନେଉଥିଲେ ସେ ହେଲେ ମୋର ଧ୍ୟାନ ସେପଟେ ନଥିଲା । ଫୋନ ବାହାରକରି କିଛି ସମୟ ଆଗରୁ ସେଭ କରିଥିବା ନମ୍ବରକୁ ଡିଲିଟ କରିଦେଲି ।

ହେମଗିର, ସୁନ୍ଦରଗଡ଼

୯୭୭୮୧୭୪୯୭୮

## କର୍ତ୍ତବ୍ୟ

ସତ୍ୟନାରାୟଣ ପ୍ରଧାନ



ଦୁଇଭାଇଙ୍କ ଭିତରେ ବାପାଙ୍କ ସମ୍ପତ୍ତି ଯାହା ସବୁ ଥିଲା ସମାନ ଭାବରେ ଭାଗ ହୋଇ ହେଲା ପରେ କେବଳ ବାକି ରହି ଯାଇଥିଲା ଖାଲି ବୁଢ଼ୀ ମାଆ । ଯାହାକୁ ନେଇ ଅନେକ ସମୟ ଯାଏ ବିଚାର ଚାଲିଥିଲା କିଏ ପାଖରେ ରଖିବ ବୋଲି । ସିଏ ତ ଜିଅନ୍ତା ମଣିଷ ତାକୁ ଆଉ କିପରି ଯେ ଅଲଗା କରାଯିବ । ସେଥିପାଇଁ ଶେଷରେ ଗାଁ ଲୋକ ମାନଙ୍କ ଉପସ୍ଥିତିରେ ନିଷ୍ପତ୍ତି ହେଲା ଦୁହେଁ ଭାଗ କରି ଖାଇବାକୁ ଦେବେ । ନିଜ ଜୀବନ ଠାରୁ ଅଧିକ ଭଲ ପାଇଥିବା ସାନ ପୁଅ ମାଆକୁ ଏପରି ଅଲଗା କରି ଖାଇବାକୁ ଦେବାରେ ସନ୍ତୁଷ୍ଟ ନ ଥିଲା । ସେ ନିଜ ଇଚ୍ଛାରେ ସାରା ଜୀବନ ପାଖରେ ରଖିବାକୁ ମୁହଁ ଖୋଲି କହିଥିଲା । ବଡ଼ଭାଇ କାଳେ କିଛି ସାନଭାଇ ମାଆକୁ ପାଖରେ ରଖି ନିଜ ନାମରେ ଲେଖି ଦେଇ ପାରେ ବୋଲି ମନରେ ଭାବି ତା କଥାରେ ରାଜି ନ ଥିଲା । ବଡ଼ଭାଇର ଭାବନାକୁ ସେ ଜାଣି ପାରି ନିଜ ଭାଗର ସବୁ ସମ୍ପତ୍ତି ଦେବା ବଦଳରେ ମାଆକୁ ପାଖରେ ରଖିବାକୁ ପ୍ରସ୍ତୁତ ବୋଲି ସଭାରେ ଉପସ୍ଥିତ ଥିବା ଭଦ୍ରଲୋକଙ୍କୁ ଅନୁରୋଧ କରି କହିଥିଲା । ବଡ଼ଭାଇ ସମ୍ପତ୍ତି ଲୋଭରେ ତା କଥାରେ ରାଜି ହୋଇଗଲା । ସାନଭାଇ ନିଜ ବାହୁ ବଳରେ ପରିଶ୍ରମ କରି ତା ସଂସାର ଚଳାଉ ଥିଲା । ସେ ଯେତେ ଦୁଃଖରେ ଥିଲେ ବି ତା ମାଆର ମୁହଁ ଦେଖିଲେ ସବୁ ସହି ବଞ୍ଚିବା ଶିଖି ଯାଇଥିଲା । ବଡଭାଇ ଟଙ୍କାର ଗର୍ବରେ ଆଉ କାହାକୁ ମାନୁ ନ ଥିଲେ । ସେ ସାନଭାଇକୁ ପରିହାସ କରି ନିଜ ଟଙ୍କା ବଡ଼ିମା ଦେଖାଇ ତା ପାଖରେ କ'ଣ ଅଛି ବୋଲି କହିଲା । ସେ ବଡଭାଇ କଥା ଶୁଣି ଟିକେ ସ୍ମିତହାସ୍ୟ ଦେଇ ତା ପାଖରେ କେବଳ ସ୍ନେହମୟୀ ମାଆ ଅଛି ବୋଲି କହିଥିଲା । ସେ କେଉଁ ଫିଲ୍ମର ସଂଳାପ ଭଳି ଲାଗୁଛି ଭାବି ସେଠାରୁ ଚାଲି ଯାଇଥିଲା। ଗୋଟେ ପୁଅର ତା ବାପା ମାଆ ଠାରୁ ପ୍ରକୃତ ବଡ଼ ସମ୍ପତ୍ତି ବୋଲି ଆଉ କିଛି ନାହିଁ ଯାହା ବଡ଼ଭାଇ ଭାବନାକୁ ଆସିବା ଏତେ ସହଜ କଥା ନ ଥିଲା । ସାନଭାଇ ମାଆକୁ ପାଖରେ ରଖି ଜୀବନରେ ସବୁଠୁ ବଡ଼ କର୍ତ୍ତବ୍ୟ ପାଳନ କରିଛି ବୋଲି ଖୁସି ଅନୁଭବ କରୁଥିଲା ।।

ସା /ପୋ - ଅଣ୍ଡିଆ

ଜିଲ୍ଲା - ଯାଜପୁର

ମୋ -୯୧୭୮୩୧୩୬୪୪

## ।। ଦ୍ୱାର, କାନ୍ଥ, ଛାତ ।।

ସୁଧାଂଶୁ ଶେଖର ଦ୍ୱିବେଦୀ



ସକାଳେ ସକାଳେ ମର୍ନିଂ ୱାକ୍ କରିବା ବେଳେ ତାଙ୍କୁ ଖୁବ୍ ଜୋର କାନ୍ଦ ମାଡୁଥିଲା। ହେଲେ ସେ କାନ୍ଦିପାରୁ ନଥାନ୍ତି। କିଛି ମୁହୂର୍ତ୍ତ ପୂର୍ବରୁ ଝିଅର କର୍କଶ ଶବ୍ଦ ତାଙ୍କୁ ବିବ୍ରତ କରି ଦେଇ ଥିଲା। ବନ୍ଧୁ ସନ୍ତୋଷ ପାଖରେ ନିଜ ଏକାକୀ ଜୀବନର କାହାଣୀ ଶୁଣେଇବାରୁ ସେ କହିଲା-ତୁ ଟା ଭୀରୁ, କାପୁରୁଷ! ଯେତେବେଳେ ଦେଖିବ ଖାଲି କାନ୍ଦି ଚାଲିଛୁ। ଛଅ ବର୍ଷ ପୂର୍ବରୁ ଗମ୍ଭୀର ରୋଗରେ ପଡ଼ି ପତ୍ନୀର ଦେହାନ୍ତ ହେଲା। ସେତେବେଳେ ବ୍ୟଥିତ ହୋଇ ନିଜ ବଡ଼ଭାଇଙ୍କୁ ଜଡେଇ ଧରି ବହେ କାନ୍ଦିଥିଲା। ସେ ବି ଭର୍ତ୍ସନା କରି କହିଲେ-ଆରେ ଏମିତି କିଏ ମାଇକିନାଙ୍କ ଭଳି କାନ୍ଦେ!ସେ ତ ଯିବାର ଥିଲା,ଚାଲିଗଲା। ତାକୁ ମୁକ୍ତି ମିଳିଲା ଅଥଚ ତୋର ଗୋଟେ ଭେଳିକି କାନ୍ଦଣା ଆରମ୍ଭ ହେଇଗଲା। ସେ କାନ୍ଦିବା ଫାନ୍ଦିବା ଛାଡି ନିଜକୁ ସୁଦୃଢ଼ କର। ପ୍ରକୃତରେ ସେଦିନରୁ ସେ ସୁଦୃଢ଼ ହୋଇ ଯାଇଥିଲେ। ମା' ଓ ଝିଅର ମୃତ୍ୟୁ ପରେ ବି କାନ୍ଦି ନଥିଲେ। କିନ୍ତୁ ବର୍ଷ ବର୍ଷ ଧରି ଏକାକୀ ରହୁଥିବା ହେତୁ ଆଜି ବିଦେଶୀ ପୁଅକୁ ଫୋନ୍ କଲାବେଳେ କାନ୍ଦି ପକାଇଥିଲେ। ତାଙ୍କ କାନ୍ଦ ଶୁଣି ପୁଅ ସାନ୍ତ୍ୱନା ଦେବା ପରିବର୍ତ୍ତେ ଗମ୍ଭୀର ସ୍ୱରରେ କହିଲା- ବାପା! ଏବେ ମୁଁ ଅଫିସ୍ ରେ ପହଞ୍ଚିଲି। କାନ୍ଦି କାନ୍ଦି ମୋତେ ଏମିତି ଇମୋସୋ ନାଲ୍ ବ୍ଲାକ୍ ମେଲ୍ କରୁଛ କଣପାଇଁ?ସେତିକିବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ଘର ମଧ୍ୟରୁ ଜୋର ଜୋର ହସର ଲହରୀ ଭାସି ଆସିଲା। ବର୍ତ୍ତମାନକୁ ଫେରି ଆସିଲେ ସେ। ବହି ଆସୁଥିବା ଲୁହକୁ ରୁମାଲରେ ପୋଛି ଦେଖିଲେ ଘର ଆଗରେ ଲେଖା ଅଛି ଲାଫିଂଗ୍ କ୍ଲବ୍। ନିଜେ ନିଜକୁ କହିହେଲେ-ଲାଫିଂଗ୍ କ୍ଲବ୍ ଅଛି ଅଥଚ କ୍ରାଇମ୍ କ୍ଲବ୍ କଣପାଇଁ ହେଉନାହିଁ? ଯାହାଦ୍ୱାରା କାନ୍ଦୁଥିବା ମଣିଷକୁ କେହି ରୋକିବେ ନାହିଁ କି କେହି ଭୀରୁ, କାପୁରୁଷ କହି ଉପହାସ କରିବେ ନାହିଁ। ଭାବନା ଭିତରେ ମଗ୍ନ ରହି ଘରେ ପହଞ୍ଚି ସାରିଥାନ୍ତି ସେ। ତୁରନ୍ତ ଘର ଭିତରକୁ ଯାଇ କବାଟ ବନ୍ଦ କରି ଜୋର ଜୋର କାନ୍ଦିବାକୁ ଲାଗିଲେ। ତାଙ୍କୁ ଜଣାଥାଏ ଦ୍ୱାର, କାନ୍ଥ, ଛାତ ତାଙ୍କ ନିଜର। ତାଙ୍କ କାନ୍ଦିବାରେ କେବେବି ଉପହାସ କରିବେ ନାହିଁ।

ବିସି-୭୪,ସଲ୍ଟ ଲେକ୍,କୋଲକତା-୬୪

ମୋ- ୯୬୮୧୩୭୩୫୧୨

## !! ହଳଦିଆ ୱାଲ୍ ପେପର !!

ମନୋଜ କୁମାର ବେହେରା



ମୂଳ ଇଂରାଜୀ–ଚାର୍ଲୋଟ ପର୍କିନ୍ସ ଗିଲମେ ଅନୁବାଦ–ମନୋଜ କୁମାର ବେହେରା

ମୁଁ ଆଉ ମୋ ସ୍ୱାମୀ ଜନ୍ ଖରାଦିନ ଛୁଟିରେ କିଛି ମାସ ପାଇଁ ରହିବାକୁ ଆସିଥିଲୁ ଗୋଟିଏ ପୁରୁଣା ଘରକୁ । ଏହି ଘର ପାହାଡ ଉପରେ ଥିଲା, ଆଉ ଦୂର ଦୂର ପର୍ଯ୍ୟନ୍ତ ସବୁଜିମା ବ୍ୟତୀତ ଆଉ କିଛି ନଥିଲା। ହେଲେ ଘରର ପରିବେଶ ଥିଲା ଟିକିଏ ଅଦ୍ଭୁତ ଆଉ ଶୁନଶାନ୍ । ଜନ୍ ପେଶାରେ ଥିଲେ ଜଣେ ଡାକ୍ତର ଆଉ ସେ ସ୍ଥିର କରିଥିଲେ କି ମୋତେ ସମ୍ପୂର୍ଣ୍ଣ ଆରାମର ଆବଶ୍ୟକତା ଅଛି ।

ରୁମର ଝରକାରୁ ବାହାରକୁ ଅନେଇଲା ବେଳକୁ ବହୁତ ସୁନ୍ଦର ଥିଲା ବାହାରର ଦୃଶ୍ୟ । ହେଲେ ମୋର ଧ୍ୟାନ ବାରମ୍ବାର ଯାଉଥିଲା କାନ୍ଥ ଉପରେ ଲଗା ହେଇଥିବା ୱାଲ୍ ପେପର ଆଡେ । ଏହି ୱାଲ୍ ପେପର ଥିଲା ବହୁତ ପୁରୁଣା ଆଉ ଘେଷେରା । ତା'ର ଅଦ୍ଭୁତ ଡିଜାଇନ୍ ମୋତେ ବ୍ୟସ୍ତ ବିବ୍ରତ କରି ପକାଉଥଲେ । ମୁଁ ଜନ୍ ?ଙ୍କୁ କହିଲି, 'ଜନ୍ ଏହି ରୁମଟା ମୋତେ ବହୁତ ଅଦ୍ ?ଭୁତ ଲାଗୁଛି । ଖାସକରି ଏହି ୱାଲ୍ ? ପେପର । ଏହାର ହଳଦିଆ ରଙ୍ଗ..କିଛି ଭଲ ଲାଗୁନାହିଁ ।' ଜନ୍ ହସିଦେଇ କହିଲେ, 'ଏହା ହେଉଛି ତୁମ ମସ୍ତିଷ୍କର ଖେଳ । ତୁମେ ଚିନ୍ତା କରନାହିଁ । ଟିକିଏ ସମୟ ଦିଅ' । ଦେଖିବ ସବୁ କିଛି ଠିକ୍ ହେଇଯିବ । ମୋତେ ଜନ୍ ?ଙ୍କର ଏମିତିଆ ବ୍ୟବହାର ସବୁବେଳେ ଚିନ୍ତାରେ ପକାଉଥଲା । କୌଣସି କଥାକୁ କେବେ ଗମ୍ଭୀରତାର ସହିତ ନିଅନ୍ତିନି ଜନ୍ । ମୋତେ ଏମିତି ଲାଗୁଥିଲା କି ଜନ୍ ମୋର ଭାବନା ଆଉ ସମସ୍ୟାକୁ ଆଦୌ ଗମ୍ଭୀରତାର ସହିତ ନେଉ ନାହାନ୍ତି । ହେଲେ ମୁଁ ସବୁବେଳେ ଏହା ଭାବି ଚୁପ୍ ରହିଯାଏ କି ଜନ୍ ହେଉଛନ୍ତି ଜଣେ ଡାକ୍ତର । ତାଙ୍କୁ ଜଣା ମୋ ପାଇଁ ଠିକ୍ କ'ଣ ଭୁଲ୍ କ'ଣ ।

ଜନ୍ ମୋ ଲେଖା ପଢା ଉପରେ ଅଙ୍କୁଶ ଲଗେଇ ଦେଇଥିଲେ । ତାଙ୍କର କହିବା କଥା କି ଏହି ଲେଖା ପଢା ମୋ ମାନସିକ ରୋଗକୁ ବଢେଇ ଦେଇ ପାରନ୍ତି । ହେଲେ ମୋତେ ଲେଖାଲେଖି କରିବା ଥିଲା ବହୁତ ପସନ୍ଦ । ଯେତେବେଳେ ମୁଁ ପ୍ରାୟ ଲେଖା-ଲେଖ କରେ ସେତେବେଳେ ମୋ ଭିତରେ ଚାଲିଥିବା ଦ୍ୱନ୍ଦର ଝଡରୁ ମୁକ୍ତି ମିଳିଲେ ମୋତେ । ମୁଁ ପ୍ରାୟ ଭାବେ, 'କ'ଣ ସତରେ ମୁଁ ଅସୁସ୍ଥ ? ନା' ଏସବୁ ହେଉଛି ମୋ ମନ ଭିତରର ଦ୍ୱନ୍ଦ ଯାହାକୁ ବୁଝି ପାରୁନାହାନ୍ତି ଜନ୍' ? ଦିନ ପରେ ଦିନ ବିତି ଚାଲିଥିଲା। ଆଉ ମୋ ଧ୍ୟାନ ବାରମ୍ବାର ୱାଲ୍ ପେପର ଆଡେ ଆକର୍ଷିତ ହେଉଥିଲା । ତା' ଡିଜାଇନ୍ ଏମିତି ଛନ୍ଦି ହେଇଥିଲା ଯେ ମୋତେ ଲାଗିଲା ତା' ଦେହରେ କିଛି ଲୁକ୍କାୟିତ ହୋଇଅଛି । ମୋତେ ଏମିତି ଅନୁଭବ ହେଉଥିଲା କି ସେହି ୱାଲ୍ ପେପର ପଛରେ କୌଣସି ସ୍ତ୍ରୀ ଲୋକ ବନ୍ଦୀ ହେଇ ଅଛି,ଯିଏ ବାହାରକୁ ଆସିବା ପାଇଁ ବାରମ୍ବାର ଚେଷ୍ଟା କରୁଛି ।

ସେହି ୱାଲ୍ ପେପରକୁ ଦେଖକରି ଏମିତି ଲାଗୁଥିଲା ସତେ ଯେମିତି ସେ ୱାଲ୍ ପେପର ଜୀବିତ ଅଛି । ତା' ଭିତରେ କିଛି ଅଛି.. ଯାହାକୁ ମୋତେ ବାହାରକୁ ବାହାର କରିବା ଉଚିତ୍ । ଧୀରେ ଧୀରେ ବିଗିଡିବାକୁ ଲାଗିଲା ମୋ ମନର ସ୍ଥିତି । ମୋତେ ଦିନ ରାତି ଖାଲି ସେହି ୱାଲ୍ ପେପର ଦେଖା ଯାଉଥିଲା । ମୁଁ ଶୋଇ ପାରୁନଥିଲି, ଲେଖି ପାରୁନଥିଲି,ବାସ୍ ୱାଲ୍ ପେପରକୁ କେବଳ ଚାହିଁ ରହୁଥଲି ଆଉ ଚେଷ୍ଟା କରୁଥିଲି ତା'ର ଡିଜାଇନ୍ ?କୁ ବୁଝିବାକୁ ।

ଦିନେ ରାତିରେ ମୋ ନିଦ ଭାଙ୍ଗିଗଲା। ମୁଁ ଉଠି ଦେଖିଲା ବେଳକୁ ସେହି ୱାଲ୍ ପେପରର ପ୍ୟାଟର୍ଣ୍ଣ ହଲୁଛି । ମୋତେ ଲାଗିଲା କି ସେହି ବନ୍ଦୀ ହୋଇ ରହିଥ ?ବା ସ୍ତ୍ରୀଲୋକଟି ଚେଷ୍ଟା କରୁଛି ଭିତରୁ ବାହାରକୁ ଆସିବା ପାଇଁ । ମୁଁ ହଡବଡରେ ଜନ୍ଙ୍କୁ କହିଲି,ଜନ୍ ! 'ଦେଖ..ଦେଖ ! ସେ ସ୍ତ୍ରୀଲୋକ..ବାହାରକୁ ଆସୁଛି । ମୁଁ ତାକୁ ସ୍ପଷ୍ଟ ଭାବରେ ଦେଖି ପାରୁଛି । ଆମକୁ ତାକୁ ବାହାରକୁ କାଢିବାକୁ ପଡିବ' ।

ରାତିରେ ଏମିତି ଅତର୍କିତ ଭାବରେ ଉଠେଇବା ପାଇଁ ଚିଡିଗଲେ ଜନ୍ ଆଉ କହିଲେ, 'ତୁମେ ଥକି ଯାଇଛ । ତୁମେ ଏ ସବୁ ଏଥିପାଇଁ ଅନୁଭବ କରୁଛ, କାହିଁକିନା ତୁମକୁ ଆରାମ୍ କରିବାର ଆବଶ୍ୟକତା ଅଛି। ଚାଲ..ଏବେ ଶୋଇ ପଡ' ।

ମୁଁ ଜନ୍ଙ୍କ କଥା ମାନି ଚେଷ୍ଟା କଲି ଶୋଇବାକୁ । ହେଲେ ନିଦ ଯେମିତି ହଜି ଯାଇଥିଲା ମୋ ଆଖିରୁ । ମୋ ମସ୍ତିଷ୍କ ଲଗାତାର ଛନ୍ଦି ହେଇ ଯାଇଥିଲା ୱାଲ୍ ପେପରରେ । ଆଗାମୀ କିଛି ଦିନ ଯାଏଁ, ମୁଁ ନିଜକୁ ରୁମ୍ ଭିତରେ ବନ୍ଦ କରିନେଲି ଆଉ ଧ୍ୟାନର ସହିତ ଦେଖିବାକୁ ଲାଗିଲି ୱାଲ୍ ପେପରକୁ । ମୁଁ ସମ୍ପୂର୍ଣ୍ଣ ରୂପେ ଏହି ଭାବନାରେ ହଜି ଯାଇଥୁଲି କି ସେହି ୱାଲ୍ ପେପର ଭିତରେ କୌଣସି ସ୍ତ୍ରୀଲୋକ ବନ୍ଦୀ ହେଇ ଅଛି ଆଉ ତାକୁ ବାହାରକୁ ବାହାର କରିବା ହେଉଛି ମୋର କାମ । ମୁଁ ତାକୁ ପାଗଳଙ୍କ ପରି ହସିବାର ଦେଖି କହିଲି, 'ଏବେ ମୁଁ ବୁଝି ଗଲି! ସେହି ସ୍ତ୍ରୀଲୋକ ହେଉଛି ମୁଁ ନିଜେ..ଆଉ ମୋତେ ନିଜକୁ ବାହାର କରିବାକୁ ପଡିବ' ।

ଦିନେ ଜନ୍ ଯେତେବେଳେ କାମରୁ ଘରକୁ ଫେରିଲେ,ସେତେବେଳେ ସେ ଦେଖିଲେ କି ରୁମ୍ ଭିତରେ ମୁଁ ଏକୁଟିଆ ବୁଲୁଛି। ମୁଁ ରୁମ୍ର କାନ୍ଥରେ ଥିବା ୱାଲ୍ ପେପରକୁ ସମ୍ପୂର୍ଣ୍ଣ ଭାବରେ ଫାଡି ଦେଇଥିଲି । ମୋ ଚେହେରାରେ ଗୋଟିଏ ଅଜବ ଖୁସି ଝଲକୁ ଥିଲା ଆଉ ମୋ ଆଖିରେ ଥିଲା ପାଗଳାମୀର ଚମକ। ମୁଁ ହସି ହସି ଜନ୍ଙ୍କୁ କହିଲି,ଦେଖ ଜନ୍, 'ଏବେ ମୁଁ ସ୍ୱାଧୀନ । ମୁଁ ନିଜକୁ ବାହାରକୁ କାଢି ଆଣିଛି ଏହି ୱାଲ୍ ପେପର ଭିତରୁ'। ଜନ୍ ଚମକି ପଡିଲେ ଏସବୁ ଦେଖି । ତାଙ୍କୁ ଲାଗିଲା ମୋ ଅବସ୍ଥା ବହୁତ ଖରାପ ଆଡକୁ ଗତି କଲାଣି । ତାଙ୍କ ଆଖିରେ ଅସହାୟତା ଆଉ ଡର ଦେଖା ଯାଉଥିଲା ସ୍ପଷ୍ଟ ଭାବରେ । ସେ ଘାବରେଇ ଯାଇ କହିଲେ, 'ଏ ତୁମେ କ'ଣ କରୁଛ ? ତୁମକୁ ଆରାମ କରିବା ଦରକାର ..ମୁଁ ତୁମ ପାଇଁ କିଛି କରୁଛି' ।

ହେଲେ ଏବେ ବହୁତ ଡେରି ହେଇ ସାରିଥିଲା । ମୁଁ ନିଜର ବାସ୍ତବିକ ଜୀବନଠୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଯାଇଥିଲି । ମୋତେ ଏବେ ବିଶ୍ୱାସ ହେଇ ସାରିଥିଲା କି ମୁଁ ନିଜେ ସେହି ୱାଲ୍ ପେପର ଭିତରେ ବନ୍ଦୀ ହେଇଥିବା ସ୍ତ୍ରୀଲୋକ ବୋଲି । ଯାହାକୁ ମୁଁ ଏବେ ସ୍ୱାଧୀନ କରି ସାରିଛି ।

ମୋ ଅବସ୍ଥା ଦେଖି ବେହୋଶ୍ ହେଇଗଲେ ଜନ୍ ଆଉ ମୁଁ ମୋ ପାଗଳାମି ଭିତରେ ହଜିଯାଇଥିଲି । ମୁଁ ରୁମ୍ର ଚାରିଆଡେ ବୁଲି ବୁଲି ଗୁଣୁଗୁଣୁ ହୋଇ କହୁଥିଲି, 'ମୁଁ ଏବେ ସ୍ୱତନ୍ତ୍ର..ମୋତେ କେହି ଅଟକେଇ ପାରିବେ ନାହିଁ ।' ଆଉ ସେଦିନ ମୁଁ ସ୍ୱାଧୀନ ହେଇ ଯାଇଥିଲି,ସବୁ ବନ୍ଧନରୁ.. ।

ଫ୍ଲାଟ ନମ୍ବର-୨୧୭/ପି,

ବାଘବାବା ମଠ ଲେନ୍,

ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର- ୨୨

ଫୋନ୍-୭୯୭୮୮୩୦୬୧୧

## ଖୁବ୍ କମ ସମୟର ଯାତ୍ରା

ଘନଶ୍ୟାମ ପଲେଇ



ସୂର୍ଯ୍ୟ ପଶ୍ଚିମ ଆକାଶକୁ ଢଳି ପଡ଼ିଥିଲେ ମଧ୍ୟ ଗରମ ଗୁଳୁଗୁଳିରେ ଜୀବନ ଅସ୍ତବ୍ୟସ୍ତ ହୋଇଉଠିଥିଲା । ଖାସ୍ ? କରି ସେହି ଲୋକାଲ୍ ? ବସ୍ ?ଟିର ଭିତର। ସିଟ୍ ?ଗୁଡ଼ିକ ପୂର୍ବରୁ ଭରିଯାଇଥିଲା, ଆଉ ଠିଆ ହୋଇଥିବା ଯାତ୍ରୀଙ୍କ ସଂଖ୍ୟା ମଧ୍ୟ କମ୍ ନଥିଲା। ପୁରୁଣା ବସ୍‌ଟି ଧୂଳି ଓ ଧୂଆଁ ଉଡ଼ାଇ ଧୀରେ ଧୀରେ ଆଗକୁ ବଢୁଥିଲା। ଭିତରେ ଗରମ, ଗୁଳୁଗୁଳି ଓ ହର୍ଣ୍ଣର କର୍କଶ ଶବ୍ଦ ମିଶି ସମସ୍ତଙ୍କ ମନକୁ ଅସ୍ଥିର କରିଦେଉଥିଲା ।କାହାର ମୁହଁରେ ହସ ନଥିଲା। ଥକାପଣ ଓ ବିରକ୍ତି ମୁହଁଗୁଡ଼ିକରେ ଛାଇ ଯାଇଥିଲା। କେହି ମୋବାଇଲ୍‌ରେ ବ୍ୟସ୍ତ ଥିଲା ତ ପୁଣି କିଏ ଆଖି ମୁଦି ଘୁମେଇବାର ଅଭିନୟ କରୁଥିଲେ। ଠିକ୍ ସେତେବେଳେ ଆଗ ଷ୍ଟପେଜ୍‌ରେ ଜଣେ ବୃଦ୍ଧ ବସ୍‌ଚଢ଼ିଲେ। ଧଳା କେଶ, କୁଞ୍ଚିତ ଦେହ, ମୁହଁରେ ସମୟର ଅସଂଖ୍ୟ ରେଖା। ହାତରେ ଗୋଟିଏ ପୁରୁଣା ଝୋଲା ଥଳି। ଭିଡ଼ ଭିତରେ ସେ ଅତ୍ୟନ୍ତ କଷ୍ଟରେ ଠିଆ ହେବାକୁ ଚେଷ୍ଟା କରୁଥିଲେ। ହଠାତ୍ ବସ୍‌ଟି ଜୋରରେ ଝଟକା ଦେଲା। ବୃଦ୍ଧଙ୍କ ଥଳିଟି ପାଖରେ ବସିଥିବା ଜଣେ ଯୁବକଙ୍କ ମୁହଁରେ ଲାଗିଗଲା। ଯୁବକଟିର ମୁହଁଟି ଜଳନ୍ତା ସୂର୍ଯ୍ୟ ଭଳି ରାଗରେ ଲାଲ୍ ଦିଶିଲା। ଆଉ ଚିଲ୍ଲେଇ କହିଲା- "ଏ ବୁଢ଼ା! ଏଇ ବୟସରେ ଘରେ ବସି ପାରୁନାହଁ? ଲୋକଙ୍କୁ ଅସୁବିଧା କରିବାକୁ ବାହାରିଛୁ କି?"

ବସ୍ ଭିତରେ କିଛି ଲୋକ ମୁହଁ ଉଠାଇ ଚାହିଁଲେ... ପୁଣି ନିଜ ନିଜ ନିରବତାକୁ ଫେରିଗଲେ ।ବୃଦ୍ଧଜଣଙ୍କ ମୁଣ୍ଡ ନୁଆଁଇ ଟିକେ ହସି ଧୀର ସ୍ୱରରେ କହିଲେ-"କ୍ଷମା କରିଦଅ ପୁଅ... ମୋର ଯାତ୍ରା ଖୁବ୍ କମ ସମୟର। ଆଗ ଷ୍ଟେସନରେ ଓହ୍ଲାଇଯିବି।"

କଥାଟି କାହାର ମନକୁ ବିଶେଷ ଛୁଇଁଲା ନାହିଁ। ବସ୍ ପୁଣି ନିଜ ଗତିରେ ଚାଲିଲା। କିନ୍ତୁ ଭିଡ଼ ଭିତରୁ ଜଣେ ଗେଡା ବ୍ୟକ୍ତି ଧୀରେ ଉଠିଲେ। ଯାହାଙ୍କ ଗୋଟିଏ ଗୋଡ଼ ନକଲି ଥିଲା। ବସ୍‌ର ଝଟକାରେ ସେ ନିଜେ ଠିକ୍‌ଭାବେ ସମ୍ଭାଳି ପାରୁନଥିଲେ, ତଥାପି ହସି କହିଲେ- "ମଉସା, ଆସନ୍ତୁ... ଏଇଠି ବସନ୍ତୁ। ମୁଁ ଠିଆ ହେଇଯିବି।"

ବୃଦ୍ଧଜଣଙ୍କ କିଛି ମୁହୂର୍ତ୍ତ ତାଙ୍କୁ ଚାହିଁ ରହିଲେ। ମନେ ହେଲା,ସେହି ନକଲି ଗୋଡ଼ଠାରୁ ଲୋକଟିର ବଡ଼ ହୃଦୟଟିକୁ ସେ ପଢ଼ିନେଲେ। କିଛି ନ କହି ସେ ଚୁପଚାପ୍ ବସିଗଲେ। କିଛି ସମୟ ପରେ ସେହି ଗେଡା ବ୍ୟକ୍ତି ଜଣଙ୍କ ପଚାରିଲେ- "ମଉସା, କେଉଁଠିକି ଯିବେ?"

ବୃଦ୍ଧ କିଛି ମୁହୂର୍ତ୍ତ ନିରବ ରହି ଧୀର ଗଳାରେ କହିଲେ- ବାବୁରେ ମୋର ତମମାନଙ୍କ ସହ ଯାତ୍ରା ଖୁବ୍ କମ ସମୟର... ମୁଁ ଆଗ ଷ୍ଟପେଜ୍ ?ରେହିଁ ଓହ୍ଲାଇଯିବି।

ବୃଦ୍ଧର କଥାକୁ କେହି ଏତାଟା ଗୁରୁତ୍ୱ ଦେଲେ ନାହିଁ। କିଛି ସମୟ ପରେ ବୃଦ୍ଧଜଣଙ୍କ ନିଜ ଷ୍ଟପେଜ୍‌ରେ ଓହ୍ଲାଇଗଲେ। ସେ ଗଲାପରେ ତାଙ୍କ ସିଟ୍‌ରେ ବସିବାକୁ ଯାଉଥିବା ବେଳେ ଜଣେ ଭଦ୍ରମହିଳା ହଠାତ୍ ଦେଖିଲେ- ସେଠାରେ ଗୋଟିଏ ପୁରୁଣା ଝୋଲା ଥଳିଟେ ପଡ଼ିରହିଛି। ସେ କଣ୍ଡକ୍ଟରକୁ ଜୋରରେ ଡାକ ପକାଇ କହିଲେ- "ଆରେ! ବୁଢ଼ା ମଉସାଙ୍କ ବ୍ୟାଗ୍ ରହିଯାଇଛି! ତାଙ୍କୁ ଡାକି ଦେଇ ଦିଅନ୍ତୁ"। ସେତେବେଳକୁ ବୃଦ୍ଧଜଣଙ୍କ ଭିଡ଼ ଭିତରେ କେଉଁଠି ହଜିସାରିଥିଲେ... ଆଉ ଦିଶୁ ନଥିଲେ ।ନକଲି ଗୋଡ଼ ଲଗାଇ ଠିଆ ହୋଇଥିବା ସେହିବ୍ୟକ୍ତି ଜଣଙ୍କ କହିଲେ- "ଦେଖନ୍ତୁ... କାଳେ କିଛି ଠିକଣା ମିଳିଯିବ। ନହେଲେ ମୁଁ ପରେ ପହଞ୍ଚାଇ ଆସିବି।"

ସମସ୍ତଙ୍କ ସାମ୍ନାରେ ବ୍ୟାଗ୍‌ଟି ଖୋଲାଗଲା। ଭିତରେ ଥିଲା- ଗୋଟିଏ ପୁରୁଣା ଔଷଧ ପ୍ୟାକେଟ୍,ଦୁଇଖଣ୍ଡ ଶୁଖିଲାରୁଟି, ଆଉ ଗୋଟିଏ ଫାଇଲ୍।

ଫାଇଲ୍‌ଟି ଖୋଲି ଦେଖିଲେ। ସେଥିରୁ ଗୋଟିଏ କାଗଜପଢିବା ମାତ୍ରେ ଭଦ୍ରମହିଳାଙ୍କ ମୁହଁ ଫିକା ପଡ଼ିଗଲା। ତାଙ୍କର ଥରଥର କମ୍ପିତ ସ୍ୱରରେ ପାଟିରୁ ଆପେ ଆପେ ବାହାରି ପଡିଲା- "ବୃଦ୍ଧଙ୍କର...ରକ୍ତ କ୍ୟାନ୍ସର... ପୁଣି ଶେଷ ଅବସ୍ଥା।"

ମୁହୂର୍ତ୍ତେ ବସ୍ ? ଭିତରର ସମସ୍ତ ଶବ୍ଦ ନିରବ ହୋଇଗଲେ ।କିଛି ସମୟ ପୂର୍ବରୁ ବୃଦ୍ଧଙ୍କୁ ଗାଳି କରୁଥିବା ସେଇ ଯୁବକଟିର ଗଳା ମଧ୍ୟ ହଠାତ୍ ଶୁଖିଗଲା ପରି ଲାଗିଲା। ତାଙ୍କ କାନରେ ପୁଣି ବୁଢାଙ୍କ କଥା ଗୁଞ୍ଜିଉଠୁଥିଲା-"ମୋର ଆପଣମାନଙ୍କ ସହ ଯାତ୍ରା ଖୁବ୍ କମ ସମୟର..."

ତାଙ୍କୁ ବୁଝିବାକୁ ଆଉ ବାକି ରହିଲା ନାହିଁ। ତାହାଲେ...ବୃଦ୍ଧଜଣଙ୍କ କେବଳ ବସ୍‌ର ଆଗ ଷ୍ଟପେଜ୍‌ର କଥା କହୁନଥିଲେ...ସେ ଜୀବନର ଶେଷ ଷ୍ଟପେଜ୍‌କୁ ଇଙ୍ଗିତ କରୁଥିଲେ।

ଏଣେ ବସ୍‌ଟି ଧୀରେ ଧୀରେ ଆଗକୁ ବଢୁଥିଲା... ଆଉ ଭିତରେ ବସିଥିବା ପ୍ରତ୍ୟେକଟି ଲୋକ ନିଜ ନିଜ ଜୀବନ ଯାତ୍ରାର ଦୈର୍ଘ୍ୟକୁ ନିରବତାରେ ମାପୁଥିଲେ।

ଟେନେସା,ସୁନ୍ଦରଗଡ-୪୨ , ମୋ-୯୪୩୭୭୧୮୫୦୦

# ଏମ୍‌ଆଇ ଅଧିନାୟକ ହେଲେ ଜସପ୍ରିତ ବୁମ୍‌ରା



**ନୂଆଦିଲ୍ଲୀ**

ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ପାଇଁ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ପୁଣିଥରେ ପରିବର୍ତ୍ତନ ହୋଇଛି। ଜସପ୍ରିତ ବୁମ୍‌ରା ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକତ୍ୱ ହୋଇଛନ୍ତି ଏବଂ ଏହା ଲଗାତାର ତୃତୀୟ ମ୍ୟାଚ୍ ଯେଉଁଥିରେ ହାର୍ଦ୍ଦିକ ପାଣ୍ଡ୍ୟା ଖେଳୁନାହାନ୍ତି। ସୂର୍ଯ୍ୟକୁମାର ଯାଦବ, ଯିଏକି ନିକଟରେ ପିତା ହୋଇଛନ୍ତି, ସେ ମଧ ପଞ୍ଜାବ ବିପକ୍ଷ ମ୍ୟାଚରୁ ବାହାର। ବୁମ୍‌ରା ଆଇପିଏଲ ଇତିହାସରେ ମୁମ୍ବାଇର ମୋଟ ୧୦ମ ଅଧିନାୟକ ହୋଇଛନ୍ତି।

ବୁମ୍‌ରା ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ପାଇଁ ଟସ୍ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ପ୍ରତିନିଧି ଭାବରେ ବାହାରି ଆସିଥିଲେ। ଟସ୍ ସମୟରେ ବୁମ୍‌ରା କହିଥିଲେ ଯେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହେବା ଏକ ନୂତନ ଚ୍ୟାଲେଞ୍ଜ ହେବ।

ବୁମ୍‌ରା ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହେବା ବିଷୟରେ କହିଛନ୍ତି, ଅଧିନାୟକ ହେବା ଭଲ ଲାଗୁଛି। ମୁଁ ୧୯ ବର୍ଷ ବୟସରେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇଥିଲି। ମୁଁ କେବେ କଳ୍ପନା କରି ନଥିଲି ଯେ ଗଓ ଅଧିନାୟକ ହେବା ପୂର୍ବରୁ ମୁଁ ଭାରତୀୟ ଟେଷ୍ଟ ଦଳର ଅଧିନାୟକତ୍ୱ କରିବାର ଅଭିଜ୍ଞତା ପାଇବି।"

ବୁମ୍‌ରା ଆହୁରି କହିଛନ୍ତି, "ଏଠାରେ ରହିବା ଏକ ମଜାଦାର ଅଭିଜ୍ଞତା। ଆପଣଙ୍କୁ ସମସ୍ତଙ୍କ ବିଷୟରେ ଚିନ୍ତା କରିବାକୁ ପଡ଼ିବ ଏବଂ ପ୍ରତ୍ୟେକ ପ୍ରକାରେ ଯୋଗଦାନ ଦେବାକୁ ପଡିବ। ଏହା ଏକ ନୂତନ ଚ୍ୟାଲେଞ୍ଜ, ଏବଂ ମୁଁ ଏହି ଦାୟିତ୍ୱ ଉପଭୋଗ କରେ।"

ଦଳର ୧୯ ବର୍ଷର ଇତିହାସରେ, ମୋଟ ୧୦ ଜଣ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକତ୍ୱ କରିଛନ୍ତି। ସଚିନ ତେନ୍ଦୁଲକର, ରୋହିତ ଶର୍ମା, ହରଭଜନ ସିଂହ, ଶନ ପୋଲକ, ରିକି ପଣ୍ଟିଂ, ଡ୍ୱେନ ବ୍ରାଭୋ, କିରନ ପୋଲାର୍ଡ, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଏବଂ ବର୍ତ୍ତମାନ ଜସପ୍ରିତ ବୁମ୍‌ରା ମୁମ୍ବାଇର ଅଧିନାୟକତ୍ୱ କରୁଥିବା ୧୦ମ ଖେଳାଳି।

## ଓଡିଆଇ ଟ୍ରାଇ-ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

# ତିଲକ୍ ବର୍ମା ଅଧିନାୟକ ଏବଂ ରିୟାନ ପରାଗ ଉପ-ଅଧିନାୟକ

**ମୁମ୍ବାଇ**

ଜୁନ୍ ମାସରେ ଭାରତ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ଟ୍ରାଇ-ସିରିଜ୍। ଏନେଇ ଭାରତୀୟ ଦଳ ଘୋଷଣା। ବିସିସିଆଇ ଚୟନ କମିଟି ୧୫ଜଣିଆ ଦଳ ଘୋଷଣା କରିଛି। ଏଥିରେ ତିଲକ ବର୍ମାଙ୍କୁ ଅଧିନାୟକ ଦାୟିତ୍ୱ ମିଳିଥିବା ବେଳେ ରିଆନ୍ ପରାଗ ଉପଅଧିନାୟକ ଦାୟତ୍ୱି ତୁଲାଇବେ। ସବୁଠୁ ବଡ଼ କଥା ହେଲେ ୧୫ ବର୍ଷୀୟ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆ ସୁଯୋଗ ମିଳିଛି। ସେହିପରି ଇଣ୍ଡିଆନ ପ୍ରମିୟର ଲିଗରେ ଜଲୱା ଦେଖାଉଥିବା ବ୍ୟାଟର ପ୍ରିୟାନ୍ସ ଆରିୟା ଏବଂ ବୋଲର ଅଂଶୁଲ କମ୍ବୋଜଙ୍କୁ ଦଳରେ ସ୍ଥାନ ପାଇଛନ୍ତି।

ବିସିସିଆଇରୁ ମିଳିଥିବା ସୂଚନା ମୁତାବକ, ଏହି ଦିନିକିଆ ଟ୍ରାଇ-ସିରିଜ୍ ଇଣ୍ଡିଆ-ଇ ସହିତ ଶ୍ରୀଲଙ୍କା-ଇ ଏବଂ ଆଫଗାନିସ୍ତାନ-ଇ ମଧ୍ୟରେ ଖେଳାଯିବ। ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର ଡାମ୍ବୁଲା ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ। ଏହି ଟ୍ରାଏ-ସିରିଜ୍ ପାଇଁ ଇଣ୍ଡିଆ-ଇରେ ଅନେକ ଯୁବ ପ୍ରତିଭାଙ୍କୁ ସୁଯୋଗ ମିଳିଛି। ଯେଉଁମାନେ ଘରୋଇ କ୍ରିକେଟ୍ ଏବଂ ଆଇପିଏଲରେ ଜବରଦସ୍ତ ପ୍ରଦର୍ଶନ ଜାରି ରଖିଛନ୍ତି।




ସବୁଠାରୁ ବଡ଼ କଥା ହେଲା ଏହି ସିରିଜ୍ ମାଧ୍ୟମରେ ଟିମ୍ ଇଣ୍ଡିଆରେ ବୈଭବ ସୂର୍ଯ୍ୟବଂଶୀଙ୍କ ଏଣ୍ଟ୍ରି ହୋଇଛି। ସେହିପରି ପ୍ରିୟାଂଶ ଆରିୟା, ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ ଏବଂ ହର୍ଷ ଦୁବେ ମଧ ସୁଯୋଗ ମିଳିଛି। ୱିକେଟ କିପର ଭାବେ ପ୍ରଭସିମ୍ରନ ସିଂହ ଏବଂ କୁମାର କୁଶାଗ୍ରଙ୍କୁ ଟିମ୍‌ରେ ସାମିଲ୍ କରାଯାଇଛି।

ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ ୨୦୨୬ରେ ଦମ୍‌ଦାର ପ୍ରଦର୍ଶନ ଜାରି ରିଖିଛନ୍ତି। ସେ ରାଜସ୍ଥାନ ରଏଲ୍ସ ପାଇଁ ଖେଳୁଛନ୍ତି। ବର୍ତ୍ତମାନ ସୁଦ୍ଧ ୧୧ଟି ମ୍ୟାଚ୍‌ରେ ୪୪୦ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ଏଥିରେ ଗୋଟିଏ ଶତକୀୟ ଇନିଂସ ରହିଛି। ସେ ୪୦.୦୦ ଆଭରେଜ୍ ଏବଂ ୨୩୬.୫୫ ଷ୍ଟ୍ରାଇକ୍ ରେଟରେ ବ୍ୟାଟିଂ ଜାରି ରଖିଛନ୍ତି। ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ରହିଛି। ସେହିପରି ୧୧ଟି ମ୍ୟାଚ୍‌ରେ ୩୮ଟି ଚୌକା ଏବଂ ୪୦ଟି ଛକା ମାରିସାରିଛନ୍ତି। ସେ ଏହା ପୂର୍ବରୁ ଭାରତ ଅଣ୍ଡର-୧୯ ଦଳର ସ୍ଥାନ ପାଇ ସାରିଛନ୍ତି। ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିରୋଧରେ ୫୮ଟି ବଲରେ ଶତକ ହାସଲ କରିଥିଲେ। ୨୦୨୪ ଏସିସି ଅଣ୍ଡର-୧୯ ଏସିଆ କପରେ ସେ ୧୭୬ ରନର ଜବରଦସ୍ତ ଇନିଂସ ଖେଳି ଭାରତକୁ ଫାଇନାଲରେ ପହଞ୍ଚାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ରଣଧୀର ବର୍ମା ଅଣ୍ଡର-୧୯ ଟୁର୍ଣ୍ଣାମେଣ୍ଟରେ ବୈଭବ ଅପରାଜିତ ୩୩୨ ରନ୍ କରିଥିଲେ।

୨୦୨୬ ଅଣ୍ଡର-୧୯ ବିଶ୍ୱକପ୍ ଫାଇନାଲ୍‌ରେ ୱୈଭବ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିରୋଧରେ କେବଳ ୮୦ଟି ବଲରେ ବିସ୍ଫୋରକ ୧୭୫ ରନ୍ କରିଥିଲେ। ଏହି ଐତିହାସିକ ଇନିଂସରେ ସେ ୧୫ଟି ଚୌକା ଓ ୧୫ଟି ଛକା ମାରିଥିଲେ। ତାଙ୍କର ଏହି ଅଦ୍ଭୁତ ଇନିଂସ ବଳରେ ଭାରତ ଟୁର୍ଣ୍ଣାମେଣ୍ଟ ଜିତିବାରେ ସଫଳ ହୋଇଥିଲା।

ଇଣ୍ଡିଆ-ଇ ଦଳ : ତିଲକ୍ ବର୍ମା (ଅଧିନାୟକ), ପ୍ରିୟାଂଶ ଆର୍ଯ୍ୟା, ବୈଭବ ସୂର୍ଯ୍ୟବଂଶୀ, ରିୟାନ ପରାଗ (ଉପ-ଅଧିନାୟକ), ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ହର୍ଷ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ପ୍ରଭସିମରନ ସିଂହ (ୱିକେଟ କିପର), କୁମାର କୁଶାଗ୍ର (ୱିକେଟ କିପର), ବିପ୍ରାଜ ନିଗମ, ଯଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ ଏବଂ ଅର୍ଶଦ ଖାନ।

ଟ୍ରାଇ-ସିରିଜ୍‌ର ସମ୍ପୂର୍ଣ୍ଣ ସୂଚୀ : ୯ ଜୁନ ୨୦୨୬- ଇଣ୍ଡିଆ- ଏ ବନାମ ଶ୍ରୀଲଙ୍କା-ଏ, ୧୧ ଜୁନ ୨୦୨୬-ଇଣ୍ଡିଆ-ଏ ବନାମ ଆଫଗାନିସ୍ତାନ-ଏ, ୧୩ ଜୁନ ୨୦୨୬-ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୧୫ ଜୁନ ୨୦୨୬-ଇଣ୍ଡିଆ-ଏ ବନାମ ଶ୍ରୀଲଙ୍କା-ଏ, ୧୭ ଜୁନ ୨୦୨୬-ଇଣ୍ଡିଆ-ଏ ବନାମ ଆଫଗାନିସ୍ତାନ-ଏ, ୧୯ ଜୁନ ୨୦୨୬-ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୨୧ ଜୁନ ୨୦୨୬-ଫାଇନାଲ୍ ମ୍ୟାଚ୍।

# ଐତିହାସିକ ନିଷ୍ପତ୍ତି : ପୁରୁଷ ଦଳର କୋଚ୍ ହେଲେ ମହିଳା କ୍ରିକେଟର

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଇଂଲଣ୍ଡ କ୍ରିକେଟ ବୋର୍ଡ ଏକ ଐତିହାସିକ ନିଷ୍ପତ୍ତି ନେଇଛି। ଇଂଲଣ୍ଡର ପୂର୍ବତନ ମହିଳା ଉଇକେଟକିପର ସାରା ଟେଲରଙ୍କୁ ପୁରୁଷ ଦଳର ଫିଲ୍ଡିଂ କୋଚ ଭାବେ ନିଯୁକ୍ତ କରାଯାଇଛି।

ନ୍ୟୁଜିଲାଣ୍ଡ ବିପକ୍ଷ ୪ ଜୁନରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜ ପାଇଁ ସାରା ଟେଲରଙ୍କୁ ଏହି ବଡ଼ ଦାୟିତ୍ୱ ମିଳିଛି। କ୍ରିକେଟ ଇତିହାସରେ ଏହା ଏକ ବିରଳ ଘଟଣା, ଯେଉଁଠି ଜଣେ ମହିଳା ଖେଳାଳି ପୁରୁଷ ଦଳକୁ ପ୍ରଶିକ୍ଷଣ ଦେବେ।

ସାରା ଟେଲରଙ୍କ ଗୌରବମୟ କ୍ୟାରିୟର ଦେଖିଲେ ସେ ଇଂଲଣ୍ଡ ମହିଳା ଦଳକୁ ଦୁଇଟି ଦିନିକିଆ ବିଶ୍ୱକପ ଏବଂ ଗୋଟିଏ ଟି-୨୦ ବିଶ୍ୱକପ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ତିନିଥର ଆସେସ ସିରିଜ ବିଜେତା ଦଳର ସଦସ୍ୟା ରହିଛନ୍ତି। ସେ ଦୁଇଥର (୨୦୧୨, ୨୦୧୩) ଟି-୨୦ କ୍ରିକେଟର ଅଫ ଦି ଇୟର ଏବଂ ଥରେ (୨୦୧୪) ଦିନିକିଆ କ୍ରିକେଟର ଅଫ ଦି ଇୟର ଭାବେ ନିର୍ବାଚିତ ହୋଇଛନ୍ତି।

ସାରାଙ୍କ ନାମରେ ମାତ୍ର ୯ ଦିନ ମଧ୍ୟରେ କ୍ରିକେଟର ତିନୋଟି ଯାକ ଫର୍ମାଟ (ଟେଷ୍ଟ, ଦିନିକିଆ ଏବଂ ଟି-୨୦)ରେ ଡେବ୍ୟୁ କରିବାର ବିଶ୍ୱ ରେକର୍ଡ ରହିଛି। ପୁରୁଷ କିମ୍ବା ମହିଳା କ୍ରିକେଟରେ ଏପର୍ଯ୍ୟନ୍ତ କେହି ଏହି ରେକର୍ଡ ଭାଙ୍ଗି ପାରିନାହାନ୍ତି। ୨୦୧୯ ମସିହାରେ ସେ ହଠାତ ଅବସର ଘୋଷଣା କରିଥିଲେ। ସେ ସେହି ସମୟରେ ମାନସିକ ଚିନ୍ତା ବା 'ଏଙ୍ଗଜାଇଟି' (ଇଭଙ୍ଘସରଷ୍ୱଛ) ସମସ୍ୟା ଦେଇ ଗତି କରୁଥିଲେ। ସେ ନିଜ କ୍ୟାରିୟରରେ ଦିନିକିଆରେ ୪୦୫୬ ରନ୍ ଏବଂ ଟି-୨୦ରେ ୨୧୭୭ ରନ୍ ସଂଗ୍ରହ କରିଛନ୍ତି। ଏହା ସହିତ ଉଇକେଟ ପଛରେ ୧୦୦ରୁ ଅଧିକ କ୍ୟାଚ୍ ମଧ୍ୟ ଧରିଛନ୍ତି।




# ପଞ୍ଜାବକୁ ୬ୱିକେଟ୍‌ରେ ପରାସ୍ତ କଲା ମୁମ୍ବାଇ

## ବିସ୍ଫୋରକ ବ୍ୟାଟିଂ କଲେ ତିଲକ ବର୍ମା



**ଧର୍ମଶାଳା**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୮ତମ ମ୍ୟାଚ୍‌କୁ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟ୍‌ରେ ଜିତିଛି। ଏହି ମ୍ୟାଚ୍‌ରେ ପଞ୍ଜାବର ପରାଜୟ ହୋଇଛି। ପଞ୍ଜାବ ବିପକ୍ଷରେ ମୁମ୍ବାଇ ୨୦୧ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଜସପ୍ରୀତ ବୁମରାଙ୍କ ନେତୃତ୍ୱରେ ମୁମ୍ବାଇ ୧୯.୫ ଓଭରରେ ୪ଟି ୱିକେଟ୍ ହରାଇ ୨୦୫ ରନ୍ ସଂଗ୍ରହ କରିଛି। ଦଳ ପାଇଁ ତିଲକ ବର୍ମା ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଜାରିଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୮ୱିକେଟ୍ ହରାଇ ୨୦୦ ରନ୍ ସଂଗ୍ରହ କରିଥିଲା। ପ୍ରଭସିମରନ ସିଂହ ଅର୍ଦ୍ଧଶତକ ହାସଲ କରିଥିଲେ। ମୁମ୍ବାଇ ବୋଲର ଶାର୍ଦ୍ଦୁଲ ଠାକୁର ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ପଞ୍ଜାବ ପାଇଁ ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ପାଇଁ ୫୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ପ୍ରିୟାଂଶଙ୍କ ବ୍ୟକ୍ତିଗତ ସ୍କୋର ୨୨ ରନ୍ ଥିଲା। ସେ ୧୭ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ। ମୁମ୍ବାଇର ଦ୍ୱିତୀୟ ଶିକାର ହୋଇଥିଲେ ପ୍ରଭସିମରନ ସିଂହ। କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ କୋପର କନୋଲିଙ୍କ ସହିତ ୫୭ ରନ୍‌ର ଭାଗିଦାରୀ କରିଥିଲେ। ପ୍ରଭସିମନର ବ୍ୟକ୍ତିଗତ ଭାବେ ମଧ ୫୭ ରନ୍ ସଂଗ୍ରହ କରିଥିଲେ। ସେ ୩୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ପଞ୍ଜାବର ଅଧିନାୟକ ଶ୍ରେୟସ ଆୟର ଅତି ଶସ୍ତାରେ ଆଉଟ୍ ହୋଇଥିଲେ। ସେ ମାତ୍ର ୪ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ପଞ୍ଜାବ ନିଜର ଚତୁର୍ଥ ୱିକେଟ୍ ଭାବେ କନୋଲିଙ୍କୁ ହରାଇଥିଲା, ଯିଏ କି ୨୨ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୧ ରନ୍ ସଂଗ୍ରହ କରିଥିଲେ। ଆଜମତୁଲ୍ଲା ଓମାରଜଇଙ୍କ ବ୍ୟାଟରୁ ୩୮ ରନ୍ ଅମଳ ହୋଇଥିଲା। ସେ ୧୭ଟି ବଲ୍ ଖେଳି ୨ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ବିଷ୍ଣୁ ବିନୋଦ (୧୫ ରନ୍) ଓ ଜାଭିୟର ବ୍ରାଟ୍‌ଲେଟ୍ (୧୮ ରନ୍) ଅପରାଜିତ ଫେରିଥିଲେ। ମୁମ୍ବାଇ ପାଇଁ ଦୀପକ ଚାହର ୨ଟି ୱିକେଟ୍ ନେଇଥିଲା ବେଳେ କୋର୍ବିନ ବସ୍ ଏବଂ ରାଜ୍ ବାୱାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ସିଏସ୍‌କେରେ ସାମିଲ ହେଲେ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ଡିଆନ ଫରେଷ୍ଟର



**ଚେନ୍ନାଇ**

ଆହତ ସମସ୍ୟା କାରଣରୁ ସ୍ୱଦେଶ ଫେରିଥିବା ଜେମି ଓଭରଟନଙ୍କ ବଦଳ ଖେଳାଳି ଭାବେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଡିଆନ ଫରେଷ୍ଟରଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଚୟନ କରିଛି। ଏ ନେଇ ଆଇପିଏଲ୍ ପକ୍ଷରୁ ଗୁରୁବାର ବିବୃତି ଜାରି କରାଯାଇଛି। ଓଭଟରନ ଚଳିତ ସିଜନରେ ୧୧ ମ୍ୟାଚ୍ ଖେଳି ୧୪ ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ ଫରେଷ୍ଟର ବାମହାତୀ ପେସର ହେବା ସାଙ୍ଗକୁ ଜଣେ ଦକ୍ଷ ଲୋୟର ଅର୍ଡର ବ୍ୟାଟର। ସେ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ ହୋଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିବା ୨୫ ବର୍ଷୀୟ ଫରେଷ୍ଟର ନିକଟରେ ପାକିସ୍ତାନ ସୁପର ଲିଗ୍ ଓ ସା୨୦ରେ ଖେଳିଥିଲେ।

# ୯ ବର୍ଷୀୟ ବାଳକ ବଲ୍‌ରେ ବୋଲ୍ଡ ହେଲେ ପାକିସ୍ତାନୀ କ୍ରିକେଟର ସୈମ ଆୟୁବ

**ନୂଆଦିଲ୍ଲୀ**

ଭାଙ୍ଗିଲା ପାକିସ୍ତାନର ଅହଂକାର। କ୍ରିକେଟ ଜଗତରେ କଟିଲା ପାକିସ୍ତାନର ନାକ। ଯେଉଁ ଖେଳାଳିଙ୍କୁ ନେଇ କରୁଥିଲା ଗର୍ବ ତାକୁ ବୋଲ୍ଡ କଲେ ଜଣେ ୯ ବର୍ଷୀୟ ବାଳକ। ପାକିସ୍ତାନ କ୍ରିକେଟ୍ ଦଳର ଷ୍ଟାର ଅଲରାଉଣ୍ଡର ସୈମ ଆୟୁବ ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା। ସେ ପାକିସ୍ତାନ ପାଇଁ ଟପ୍ ଅର୍ଡରରେ ବ୍ୟାଟିଂ କରନ୍ତି, କିନ୍ତୁ ସମ୍ପ୍ରତି ତାଙ୍କର ଫର୍ମ ହରାଇ ବସିଛନ୍ତି। ଏହି କାରଣରୁ ତାଙ୍କୁ ବାଂଲାଦେଶ ଗସ୍ତ ପାଇଁ ଟେଷ୍ଟ ଦଳରେ ଚୟନ କରାଯାଇ ନଥିଲା। ଫଳସ୍ୱରୂପ, ସୈମ କମବ୍ୟାକ ପାଇଁ ପରିଶ୍ରମ ଜାରି ରଖିଛନ୍ତି। ସେ ଅଭ୍ୟାସ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯେଉଁଥିରେ ତାଙ୍କୁ ଜଣେ



୯ ବର୍ଷର ବାଳକ ବୋଲିଂ କରୁଛନ୍ତି। ଭାଇରାଲ ଭିଡିଓରେ, ସୈମ ଆୟୁବଙ୍କୁ ଜଣେ ପିଲା କ୍ଲିନ୍ ବୋଲ୍ଡ କରିଥିବା ଦେଖିବାକୁ ମିଳିଛି ୯ ବର୍ଷୀୟ ପିଲା ଆୟୁବଙ୍କୁ ବୋଲ୍ଡ କରିଥିବାରୁ ତାଙ୍କୁ ଉପହାସ କରାଯାଇଛି।

ସୈମ୍ ଆୟୁବଙ୍କୁ ପାକିସ୍ତାନ ସୁପର ଲିଗ୍ ୨୦୨୬ରେ ଖେଳିବାର ଦେଖାଯାଇଥିଲା। ସେ ଟୁର୍ଣ୍ଣାମେଣ୍ଟରେ ହାଇଦ୍ରାବାଦ କିଙ୍ଗସମେନ୍ ଦଳର ଅଂଶ ଥିଲେ। ଯଦିଓ ହାଇଦ୍ରାବାଦ ଫାଇନାଲରେ ପହଞ୍ଚିଥିଲା, ଦଳ ପାଇଁ ତାଙ୍କର ପ୍ରଦର୍ଶନ ବିଶେଷ ପ୍ରଭାବଶାଳୀ ନଥିଲା। ସାମ୍ ଆୟୁବ ସିଜିନରେ ମୋଟ ୧୧ଟି ମ୍ୟାଚ୍ ଖେଳିଥିଲେ, ୧୧୯.୪୪ ଷ୍ଟ୍ରାଇକ୍ ରେଟ୍‌ରେ କେବଳ ୨୫୮ ରନ କରିଥିଲେ। ବ୍ୟାଟିଂ ବ୍ୟତୀତ, ସୈମ୍ ଆୟୁବଙ୍କ ବୋଲିଂ ପ୍ରଦର୍ଶନ ମଧ ଖରାପ ଥିଲା। ସେ ସିଜିନରେ ଦଳ ପାଇଁ ୧୨ଟି ଇନିଂସରେ ବୋଲିଂ କରିଥିଲେ, କେବଳ ୫ଟି ୱିକେଟ ନେଇଥିଲେ।

ଆୟୁବ ପାକିସ୍ତାନ ପାଇଁ ତିନୋଟି ଫର୍ମାଟରେ ଡେବ୍ୟୁ କରିଛନ୍ତି। ସେ ୮ଟି ଟେଷ୍ଟ, ୧୭ଟି ଦିନିକିଆ ଏବଂ ୬୭ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟ କ୍ରିକେଟରେ ସେ ୧୪ଟି ଇନିଂସରେ ୩୬୪ ରନ କରିଛନ୍ତି ଏବଂ ୪ଟି ୱିକେଟ ନେଇଛନ୍ତି। ଏହା ବ୍ୟତୀତ, ଦିନିକିଆରେ ସେ ୭୫୧ ରନ କରିଛନ୍ତି ଏବଂ ୯ଟି ୱିକେଟ ନେଇଛନ୍ତି। ଟି-୨୦ରେ ସେ ୧୨୯୮ ରନ କରିଛନ୍ତି ଏବଂ ୨୯ଟି ୱିକେଟ ନେଇଛନ୍ତି।

# ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ସଭା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ଦିନ ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ଆଲୋଚନା ଲକ୍ଷ୍ମୀସାଗର ସ୍ଥିତ ଏମେରାଲ୍ଡ ଆପାର୍ଟମେଣ୍ଟର କମ୍ୟୁନିଟି ହଲରେ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଉରୀବନ୍ଧୁ ସ୍ମୃତି ପରିଷଦର ବହୁ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ପରିଷଦର ଟ୍ରଷ୍ଟି ଡକ୍ଟର ବାସନ୍ତୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଭାବରେ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଡକ୍ଟର ଲୋପାମୁଦ୍ରା ମହାନ୍ତି। ମୁଖ୍ୟବକ୍ତା ଭାବେ ଇଂଜିନିୟର ବିପିନ ବିହାରୀ



ପଣ୍ଡା ମାନବବାଦର ବିଶେଷତ୍ୱ ଉପରେ ଚର୍ଚ୍ଚା କରିଥିବାବେଳେ ସମ୍ମାନିତ ବକ୍ତା ଭାବେ ଡକ୍ଟର ପ୍ରଦ୍ୟୁମ୍ନ ପଟ୍ଟନାୟକ, ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ସବିତା ମହାନ୍ତି, ଡକ୍ଟର ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ସାଂପ୍ରତିକ ସମୟରେ ମାନବବାଦ ଓ ସମ୍ବେଦନଶୀଳତା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମଣିଷ ପାଖରୁ ମରିଯାଉଥିବା ମଣିଷପଣିଆ ଓ ସେବା ମନୋଭାବ ନେଇ ତତ୍ପରତା ପ୍ରକାଶ ପାଇଥିଲା। ସାହିତ୍ୟିକ, ଚିନ୍ତକମାନେ ନିଜ ଲେଖନୀ ମାଧ୍ୟମରେ ପୁଣିଥରେ ପୂର୍ବର ସେହି ସହଯୋଗ ଓ ସହାନୁଭୂତି ଭାବ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି ସ୍ୱୀକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ରଞ୍ଜନ ସାହୁ, ରମେଶ ଚନ୍ଦ୍ର ମହାନ୍ତି, କବି ନିରାକାର ଦାସ, ଡକ୍ଟର ସଂଘମିତ୍ରା ମହାପାତ୍ର ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ରହି ସ୍ୱଅଭିମତ ପ୍ରକାଶ କରିଥିଲେ। ପରିଶେଷରେ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

GOVERNMENT OF ODISHA 13001/491/2627
OFFICE OF THE PURI MUNICIPAL CORPORATION, PURI.
Email-enfpuri.od@gov.in
* * * * * *
NATIONAL COMPETITIVE BIDDING THROUGH e-Procurement
Identification No.PMC.-03/2026-27
Notice No. 4714 Dated. 12.05.2026
1. Type of Work: **Civil Work**. 2. Total No. of works:**32 nos.** of Individual Works. 3. Estimate Cost: **Rs. 369551/- TO Rs. 4217613/-** 4. Period of completion: 45 to 120 **Days** 5. Date & time of availability of bid document in the Portal: - from **03 P.M of 15.05.2026 to 05 P.M of 29.05.2026** 6. Last date/Time for receipt of bid in the portal: - up **to 05 P.M of 29.05.2026** 7. Date of Opening of bid **11 A.M.** of dtd **30.05.2026** 8. Name & address of the Officer inviting Bid: Commissioner , Puri Municipal Corporation, Puri. Further detail can be seen from the e-procurement portal www.tendersorissa.gov.in.
Sd/- Joint Commissioner,
Puri Municipal Corporation, Puri
OIPR-13001/13159/1/26-27/0008

GOVT. OF ODISHA 32001/222/2627
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAHANADI NORTH DIVISION-I, JAGATPUR, CUTTACK
E-mail ID :- exengr.mnd@gmail.com
'e' Procurement Notice No- MND-01/2026-27

| | | |
|---|---|---|
| 1. | Nature of Work | : Works in River embankments, Canals |
| 2. | Total No. of Works | : 38 (Thirty Eight) Nos |
| 3. | Tender Cost | : Rs. 1.00 Lakh to Rs. 30.00 Lakhs |
| 4. | Class of Contractor | : "D" and "C" Class |
| 5. | Period of completion | : 1(One) to 4 (Four) months |
| 6. | EMD required | : As mentioned in DTCN |
| 7. | On-line for bidding | : 10.00 Hrs of 19.05.2026 to 17.30 Hrs of 28.05.2026 |
| 8. | Date and time of opening opening of Tender | : 29.05.2026 at 11.30 Hours |

Further details can be seen from the Govt. web site https://tendersodisha.gov.in
All corrigendum/cancellation of tender if any will only be uploaded in the above web site.
Sd/- Superintending Engineer
Mahanadi North Division-I, Jagatpur
OIPR-32001/32003/1/26-27/0002

# ଅସହାୟ ପରିବାରକୁ 'ଆମ ସେବା ପରିବାର ଟ୍ରଷ୍ଟ'ର ସହାୟତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲାର ବଳଙ୍ଗା ଅଞ୍ଚଳର ବାରୁଆଁ ଗ୍ରାମର ହେମନ୍ତ କୁମାର ସାହୁ ଯେକୀ ଦୀର୍ଘ ୭ ବର୍ଷ ହେବ ଶଯ୍ୟାଶାୟୀ ହୋଇ ପଡ଼ି ରହିଛନ୍ତି। ଏକ ୪ ମହଲାରେ କାମ କରୁଥିବା ସମୟରେ ଛାତରୁ ପଡ଼ି ତା'ର ମେରୁହାଡ଼ ବେକ ପାଖରୁ ଭାଙ୍ଗି ଯାଇଥିଲା। ସେହିଦିନଠାରୁ ସେ ଖଟରୁ ଉଠି ପାରୁନାହାନ୍ତି। ଖଟରେ ପଡ଼ି ପଡ଼ି ଗୋଟେ ଗୋଡ଼ ପୁରା ବେଡସୋର୍ ହେଇଯାଇଛି। ଦୁଇ ମାସ ତଳେ 'ଆମ ସେବା ପରିବାର ଟ୍ରଷ୍ଟ'ର ସଦସ୍ୟମାନେ ତାଙ୍କୁ କିଛି ରାସନ ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ବର୍ତ୍ତମାନ୍ ତାଙ୍କର ଘର ଚଳାଉଥିବା ବୃଦ୍ଧ ବାପା ମଧ ସଂସାର ଛାଡି ଚାଲିଗଲେ। ତେଣୁ ବୁଢ଼ୀ ମା' ଓ ପୁଅ ଦୁହେଁ ଏବେ ବହୁତ୍ ଦୁଃଖ କଷ୍ଟରେ ଚଳୁଛନ୍ତି। ଏହି ଖବରଟି ସେହି ଅନୁଷ୍ଠାନ ପାଇବା ମାତ୍ରେ, ତାଙ୍କ ସଦସ୍ୟମାନେ ସହଯୋଗ କରିବା ପାଇଁ ପୁଣି ଥରେ ଆସି ପହଞ୍ଚିଛନ୍ତି। ସେମାନେ ଏକ ମାସ ଚଳିବା ଭଳି ରାସନ, କିଛି ଅର୍ଥ ଓ ମା'-ପୁଅଙ୍କ ପାଇଁ ନୂଆ ବସ୍ତ୍ର ଯୋଗାଇ ଦେଇଛନ୍ତି। ଆଗକୁ ମଧ ହେମନ୍ତ ପାଇଁ ଉନ୍ନତମାନର ସେବା ପାଇବାପାଇଁ ସହଯୋଗ କରିବେ ବୋଲି କହି ଯାଇଛନ୍ତି।



# ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ସିବିଏସଇ ଦ୍ୱାଦଶ ବିଜ୍ଞାନ ୯୦% ଏବଂ ବାଣିଜ୍ୟରେ ଶତପ୍ରତିଶତ ସଫଳତା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଗୁଡସ୍ ସେଡ୍ ରୋଡ୍ ସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ଚଳିତ ବର୍ଷ ସିବିଏସଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ୯୦ ପ୍ରତିଶତ ଏବଂ ବାଣିଜ୍ୟ ପରୀକ୍ଷାରେ ଶତପ୍ରତିଶତ ସଫଳତା ଅର୍ଜନ କରି ଏକ ଉଲ୍ଲେଖନୀୟ ଇତିହାସ ରଚନା କରିଛି। ଛାତ୍ରଛାତ୍ରୀମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସ୍କୁଲର ଗୌରବକୁ ଅନେକଗୁଣ ବଢ଼ାଇ ଶିକ୍ଷାକ୍ଷେତ୍ରରେ ଏକ ନୂତନ ଶିଖରକୁ ପହଞ୍ଚାଇଛି।

ଏହି ପରୀକ୍ଷାରେ ବନ୍ଦନା ଚୌଧୁରୀ ୯୬.୪% ଅଙ୍କ ସହ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ପିୟୁଶ୍ ସିଂହ ୯୩.୬% ଅଙ୍କ ସହ ଦ୍ୱିତୀୟ ସ୍ଥାନ ଏବଂ ଅସ୍କିତା ଅଭିଳାଷ ୯୨.୮% ଅଙ୍କ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏମ୍. ଆଦିତ୍ୟ ୯୨.୬% ଅଙ୍କ ସହ ଚତୁର୍ଥ ସ୍ଥାନରେ ଥିବାବେଳେ, ପ୍ରୀତିଶ୍ କୁମାର ଷଡଙ୍ଗୀ ୯୦.୪% ଅଙ୍କ ସହ ପଞ୍ଚମ ସ୍ଥାନ ଦାଖଲ କରିଛନ୍ତି। ଏହାସହ ଏମ୍. ଆଦିତ୍ୟ ଜେଇଇ ମେଇନ୍ସରେ ୯୯.୬୮ ପର୍ସେଣ୍ଟାଇଲ୍ ହାସଲ କରି ଗଞ୍ଜାମ ଜିଲ୍ଲା ଟପ୍ପର ଭାବେ ସ୍ୱୀକୃତି ଲାଭ କରିଛନ୍ତି।

ଚଳିତ ବର୍ଷ ମୋଟ ୨୦୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ୯୦%ରୁ ଅଧିକ ଅଙ୍କ ଅର୍ଜନ କରିଥିବାବେଳେ, ୪୬ ଜଣ ୮୦% ରୁ ଅଧିକ ଅଙ୍କ ହାସଲ କରିଛନ୍ତି। ଏହାସହ ୭୦% ରୁ ଅଧିକ ଅଙ୍କ ପାଇଥିବା ଛାତ୍ରଛାତ୍ରୀଙ୍କ




ସଂଖ୍ୟା ମଧ ୧୦୦ ରୁ ଅଧିକ ରହିଛି। ଏହି ସଫଳତା ସ୍କୁଲର ଶିକ୍ଷାଗତ ଦୃଢତା ଓ ଶିକ୍ଷକମଣ୍ଡଳୀଙ୍କ ନିରନ୍ତର ପ୍ରୟାସର ଜ୍ୱଳନ୍ତ ପ୍ରତିଫଳନ ବୋଲି ମତ ପ୍ରକାଶ ପାଇଛି।

ଏହି ଗୌରବମୟ ଅବସରରେ ସ୍କୁଲର ସଭାପତି ପ୍ରଶାନ୍ତ ମହାପାତ୍ର, ସଂପାଦିକା ଅନୀତା କୁମାରୀ ଅଧକ୍ଷା ମଧୁଛନ୍ଦା ମିଶ୍ର, ଉପାଧକ୍ଷା ଟୁମୁକି ପାତ୍ର, ପରୀକ୍ଷା ସଞ୍ଚାଳକ ରଞ୍ଜିତ କୁମାର ପଣ୍ଡା ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷିକା, ଶିକ୍ଷକମଣ୍ଡଳୀ ଏବଂ ଅଭିଭାବକମାନେ ଏହି ଅଭୂତପୂର୍ବ ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ହୃଦୟଙ୍ଗମ ଅଭିନନ୍ଦନ ଜଣାଇଥିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ୍ ପାଇଁ ଶୁଭେଚ୍ଛା ପ୍ରକାଶ କରିଛନ୍ତି।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁଖ୍ୟମନ୍ତ୍ରୀଙ୍କ ଆଇନ...

ଖୁବ୍ ସହାୟକ ହୋଇପାରିବେ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ବା ପ୍ରୋ ଆକ୍ଟିଭ୍ ଆକ୍ସନ୍ ନେବା ଅତ୍ୟନ୍ତ ଜରୁରୀ। ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଂ କରିବା ଜରୁରୀ। ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁ-ସମ୍ପର୍କ ରକ୍ଷା କରିପାରିଲେ ପୋଲିସକୁ ସୂଚନା ମିଳିବାରେ ସହାୟତା ମିଳିପାରିବ। ଏହାଦ୍ୱାରା ପୋଲିସକୁ ମଧ୍ୟ ଅନେକ ସ୍ଥଳରେ ଆଗୁଆ ପଦକ୍ଷେପ ନେବା ପାଇଁ ସୁବିଧା ହେବ। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପୋଲିସର ଉପସ୍ଥିତି ସର୍ବସାଧାରଣରେ ପରିଲକ୍ଷିତ ହେବା ଅତ୍ୟନ୍ତ ଜରୁରୀ। ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା ଦ୍ୱାରା ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଆସ୍ଥା ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲିମାଫିଆମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେକୌଣସି ସ୍ଥାନରେ ଅପରାଧୀକ ତତ୍ତ୍ୱ ବିରୁଦ୍ଧରେ ପୋଲିସ ଆଇନ ଅନୁଯାୟୀ ଆଗୁଆ ପଦକ୍ଷେପ ନେଇ ଅପରାଧ ସମ୍ଭାବନାକୁ କମ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେମାନେ ଜିଲ୍ଲାସ୍ତରରେ ନିୟମିତ ଭାବେ ଜିଲ୍ଲାର ଆଇନ କାନୁନ ପରିସ୍ଥିତି ସମୀକ୍ଷା କରି ପୋଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପଠାନ୍ତୁ। ବିଭିନ୍ନ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନିୟମିତ ଭାବେ ଅବଗତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ପୋଲିସ ପ୍ରଶାସନ ଅନେକ କ୍ଷେତ୍ରରେ ସଫଳତା ମଧ୍ୟ ଅର୍ଜନ କରିଛି। ପୋଲିସର ଉନ୍ନତ ତଦନ୍ତ ବ୍ୟବସ୍ଥା ଯୋଗୁ ଭାରତୀୟ ନ୍ୟାୟ ସଂହିତା ଅଧୀନରେ ଦୋଷୀ ସାବ୍ୟସ୍ତ ହାର ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ନକ୍ସଲ ଅପରାଧରେ ପୋଲିସର ସଫଳତା ପ୍ରଶଂସନୀୟ। ତେବେ ଆଧୁନିକ ଯୁଗର ପରିସ୍ଥିତିକୁ ଦେଖି ପୋଲିସ ନବସୃଜନ ବା ଇନୋଭେଟିଭ୍ ଢଙ୍ଗରେ ଅପରାଧ ନିୟନ୍ତ୍ରଣ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍.ପିମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ।ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଏବଂ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ସମେତ ୧୬ ରାଜ୍ୟରେ...

ପ୍ରଦାନ କରିବେ। ଗଣନା ପର୍ଯ୍ୟାୟରେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ବି.ଏଲ.ଏ.ମାନଙ୍କୁ ନିଯୁକ୍ତି ଦିଆଯାଇଥାଏ। ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ଏକ ବି.ଏଲ.ଏ. ନିଯୁକ୍ତ କରିବାକୁ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ, ମୁଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରୁଛି ଯେ ସେମାନେ ସମ୍ପୂର୍ଣ୍ଣ ଉତ୍ସାହର ସହିତ ସ୍ୱତନ୍ତ୍ର ଇଣ୍ଟେନସିଭ୍ ରିଭିଜନ୍ (ଏସ୍.ଆଇ.ଆର)ର ତୃତୀୟ ପର୍ଯ୍ୟାୟରେ ଅଂଶଗ୍ରହଣ କରନ୍ତୁ ଏବଂ ସେମାନଙ୍କର ଗଣନା ଫର୍ମ ପୂରଣ କରନ୍ତୁ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି କେବଳ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦେବା। ଓଡ଼ିଶା, ମିଜୋରାମ, ସିକିମ ଏବଂ ମଣିପୁର ପାଇଁ ଡ୍ରାଫ୍ଟ ଭୋଟର ତାଲିକା ୫ ଜୁଲାଇରେ ପ୍ରକାଶିତ ହେବ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୬ରେ ପ୍ରକାଶିତ ହେବ ବୋଲି ଆୟୋଗ କହିଛନ୍ତି। ଦାଦ୍ରା ଏବଂ ନଗର ହାଭେଲୀ ଏବଂ ଡାମନ ଏବଂ ଡିଉ ପାଇଁ ଡ୍ରାଫ୍ଟ ରୋଲ୍ ଜୁଲାଇ ୧୦ରେ ଏବଂ ଚୂଡ଼ାନ୍ତ ରୋଲ୍ ସେପ୍ଟେମ୍ବର ୧୧ରେ ପ୍ରକାଶିତ ହେବ।

## ରାଜ୍ୟରେ ଯଥେଷ୍ଟ ପରିମାଣରେ...

ପେଟ୍ରୋଲ ଟାଙ୍କିର ପରିଚାଳନା ଅଭାବ ଯୋଗୁ ଦେଖାଦେଇଛି। ତେଲ ଅଭାବ ଯୋଗୁ ଆଦୌ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇନି। ସ୍ୱାଭାବିକ ସ୍ଥିତିରେ ୨୦/୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଯାଏ। ଏଭଳି ଡ୍ରାଏ ଆଉଟ ସ୍ଥିତିର ମନିଟରିଂ ଚାଲିଛି, ବ୍ୟବସ୍ଥା କରିବୁ। ଘରୋଇ ବସ୍ ମାଲିକ ସଂଘର ଆଶଙ୍କା ଭିତ୍ତିହୀନ, ବସ୍ ଚାଲିବାରେ ଅସୁବିଧା ନାହିଁ। ଯେଉଁମାନେ ତେଲର କଳାବଜାରୀ କରିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଶ୍ରୀ ସିଂ କହିଛନ୍ତି ରାଜ୍ୟର ଅନେକ ଟାଙ୍କିରେ ପେଟ୍ରୋଲ ନଥିବାରୁ ଲାଗିଛି ନୋ ଷ୍ଟକ୍ ବୋର୍ଡ଼। ଆଉ ଯେଉଁଠି ପେଟ୍ରୋଲ ଅଛି ସେଠି ଲାଗିଛି ଗ୍ରାହକଙ୍କ ଲମ୍ବା ଲାଇନ୍। ଆଗକୁ କାଳେ ତେଲ ମିଳିବନି, ତେଲ ଦର ବଢ଼ିଯିବ, ସେଇ ଆଶଙ୍କାରେ ଅନେକ ଜାଗାରେ ଲୋକେ ଅଧିକ ମାତ୍ରାରେ ପେଟ୍ରୋଲ ନେଉଥିବାରୁ ଟାଙ୍କିଗୁଡ଼ିକରେ ଷ୍ଟକ୍ ସରିଯାଉଛି। ହଠାତ୍ ପେଟ୍ରୋଲ କିଣିବା ପରିମାଣ ୫୦ ପ୍ରତିଶତ ବଢ଼ିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

## ଶୀଘ୍ର ଅନୁପାଳନ ବିବରଣୀ...

ବିଭାଗମାନଙ୍କୁ ଶୀଘ୍ର ଅନୁପାଳନ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳଜୀବନ ମିଶନ-୨.୦ ମାଧ୍ୟମରେ ନିରନ୍ତର ଗ୍ରାମୀଣ ପାନୀୟ ଜଳ ଯୋଗାଣ ଏବଂ ଏଥିରେ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗ ଓ ସମନ୍ୱୟ ସଂପର୍କରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

ବୈଠକର ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି. ଯୋଗଦେଇ "ଓଡ଼ିଶା ଭିଜନ" ଲକ୍ଷ୍ୟ ନେଇ ଜିଲ୍ଲାର ୨୫ଟି ପ୍ରମୁଖ ପଦକ୍ଷେପ ସଂପର୍କରେ ଏକ ଉତ୍ସାହଜନକ ଓ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଥିଲେ, ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ଗୋପାଳପୁରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ବିକଶିତ କରିବା, 'ବାହୁଦା' ଗଭୀର ସମୁଦ୍ର ବନ୍ଦରର ବିକାଶ, ବୃହତ୍ ବ୍ରହ୍ମପୁର ମହାନଗର ନିଗମର ସାମଗ୍ରିକ ଉନ୍ନତି, ପିପଲପଙ୍କା ଜଳସେଚନ ପ୍ରକଳ୍ପ, ଆର୍ଯ୍ୟପଲ୍ଲୀ ମାଛଧରା ବନ୍ଦର, ଜାତୀୟ ରାଜପଥ-୧୬ର ସଂପ୍ରସାରଣ ଓ ଏହାକୁ ୬ ଲେନ୍ ବିଶିଷ୍ଟ କରାଯିବା, ଋଷିକୂଲ୍ୟାରେ କଂସାରୀଗଣ୍ଡ ଅନ୍ତଃ-ନଦୀ ଜଳାଶୟ ପ୍ରକଳ୍ପ, ଜିଲ୍ଲାର ବାକି ରହିଥିବା ସବୁ ବ୍ଲକକୁ ମେଗା ପାଇପ ଜଳଯୋଗାଣ ସୁବିଧା, ବ୍ରହ୍ମପୁର ବାଇପାସ୍ ରୋଡ଼ ନିର୍ମାଣ ଶେଷ କରାଯିବା ସଂପର୍କରେ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ।

ଗଞ୍ଜାମ ଜିଲ୍ଲାପାଳ ଆହୁରି ମଧ୍ୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ଏମ୍ସ ପ୍ଲସ୍ ବର୍ଗରେ ସୁପରସ୍ପେସିଆଲିଟି ଚିକିତ୍ସାଳୟ ସୁବିଧା, ଗଞ୍ଜାମରେ ଟେକ୍ସଟାଇଲ ପାର୍କ ସ୍ଥାପନ, କିଆଫୁଲ ସଂଗ୍ରହରୁ ଅତର ପ୍ରସ୍ତୁତି କରାଯାଉଥିବା ଆନୁସଙ୍ଗିକ ଶିଳ୍ପକୁ ପ୍ରୋତ୍ସାହନ, କଳିଙ୍ଗ ଷ୍ଟାଡିଅମ୍ ମଡେଲରେ ବ୍ରହ୍ମପୁରରେ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ, ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ, ମା' ତାରିଣୀ ରିଭର ଫ୍ରଣ୍ଟ ବିକାଶ ପ୍ରକଳ୍ପ, ଜିଲ୍ଲାରେ ଆଦର୍ଶ ବିଦ୍ୟାଳୟ, ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ଓ ଶିଶୁ ବାଟିକା, ପର୍ଯ୍ୟଟନ କ୍ଲଷ୍ଟର, ଶୁଖୁଆ ଉତ୍ପାଦନଭିତ୍ତିକ ଆନୁସଙ୍ଗିକ ଶିଳ୍ପକୁ ପ୍ରୋତ୍ସାହନ, ବିଭିନ୍ନ ସଡ଼କ ଭିତ୍ତିଭୂମିର ଉନ୍ନତିକରଣ ସହ ସଡ଼କ ସୁରକ୍ଷାକୁ ପ୍ରାଥମିକତା, ସ୍ୱାସ୍ଥ୍ୟସେବା, ଆଦର୍ଶ ପାର୍କ, ଲ୍ୟାମ୍ପ ନିର୍ମାଣ, ଜିଲ୍ଲାରେ ନିଯୁକ୍ତି ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇ ଶ୍ରମିକମାନଙ୍କ ବାଧ୍ୟତାମୂଳକ ପ୍ରବାସକୁ ହ୍ରାସ କରିବା ଆଦି ୨୫ଟି ପ୍ରମୁଖ ପଦକ୍ଷେପ ସଂପର୍କରେ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ସମସ୍ତ ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟ ସୀମା ଭିତରେ ସାରିବା ପାଇଁ ସେ ମଧ୍ୟ ରୋଡ୍ ମ୍ୟାପରେ ଦର୍ଶାଇଥିଲେ। ଗଞ୍ଜାମ ଜିଲ୍ଲାପାଳଙ୍କ ପ୍ରସ୍ତାବ ସଂପର୍କରେ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ନିର୍ମାଣାଧିନ ଏବଂ ଆକାଂକ୍ଷୀ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମିଳିତ ସହଯୋଗ ନେଇ ମତ ରଖିଥିଲେ। ବ୍ରହ୍ମପୁର ସହରର ଅତ୍ୟଧିକ ଭିଡ଼ କମାଇବା ପାଇଁ ପୁନର୍ବିକାଶ ସଂପର୍କିତ ଆଲୋଚନା ସହ ଏସ୍‌ଏସ୍‌ଏମଇ କ୍ଲଷ୍ଟର ନିର୍ମାଣ ଆଦି ସଂପର୍କରେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ।

## କାଳବୈଶାଖୀର ମହାତାଣ୍ଡବ...

୧୦୦ରୁ ଅଧିକ ଜଣଙ୍କର ମୃତ୍ୟୁ ହୋଇଛି। ଏହା ସହିତ, ବଜ୍ରପାତ ଯୋଗୁଁ ଅନେକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି। ରିପୋର୍ଟ ଅନୁଯାୟୀ, ଉତ୍ତର ପ୍ରଦେଶର ଭାଦୋହୀ ଜିଲ୍ଲାରେ ପ୍ରବଳ ଝଡ଼ଜନିତ ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୮ ଜଣ ଆହତ ହୋଇଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୬ ଗୋରୁଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସନ୍ଧ୍ୟା ପ୍ରାୟ ୫:୩୦ ସମୟରେ ହଠାତ୍ ପାଗ ପରିବର୍ତ୍ତନ ହେଲା ଏବଂ ପ୍ରବଳ ପବନ ବହିବା ଆରମ୍ଭ ହେଲା। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା।

## ନିଟ୍ ପେପର ଲିକ୍ ଘଟଣାରେ...

ଜବତ କରାଯାଇଛି। ତଦନ୍ତ ସମୟରେ ମିଳିଥିବା ସୁରାକ୍‌କୁ ଆଧାର କରି ଅଧିକ ସନ୍ଧାନ ଜାରି ରଖିଛି ସିବିଆଇ। ଏହି ଚେର ଆନ୍ତ-ରାଜ୍ୟକୁ ବ୍ୟାପିଥିବା ଲିଙ୍କ୍ ରହିଥିବା ସିବିଆଇ ସୁରାକ୍ ପାଇଛି। ଲିକ୍ ଘଟଣାରେ ମେ' ୧୨ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ଅପରାଧିକ ବିଶ୍ୱାସ ଭଙ୍ଗ, ଭାରତୀୟ ନ୍ୟାୟ ସଂହିତାର ବ୍ୟବସ୍ଥା, ଦୁର୍ନୀତି ନିବାରଣ ଆଇନ ଏବଂ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ଆଇନ ଭଳି ମାମଲା ରୁଜୁ କରାଯାଇଛି। ଜୟପୁରରୁ ତିନି ଜଣ, ଗୁରୁଗ୍ରାମରୁ ଜଣେ ଏବଂ ନାସିକରୁ ଜଣେ। ଚଳିତ ବର୍ଷର ନିଟ୍ ୟୁଜି ପ୍ରଶ୍ନପତ୍ର ଗୁରୁଗ୍ରାମର ଜଣେ ଡାକ୍ତରଙ୍କ ଠାରୁ ୩୦ ଲକ୍ଷ ଟଙ୍କାରେ କିଣିଥିଲେ। ମେ' ୩ରେ ପରୀକ୍ଷା ହେବାକୁ ଥିବା ବେଳେ ଏପ୍ରିଲ ୨୬ରେ ସେମାନଙ୍କୁ ମିଳିଥିଲା ପ୍ରଶ୍ନପତ୍ର।

## ହର୍ମୁଜ ପାର୍ କଲା ଏଲପିଜି ଜାହାଜ...

ଉତ୍ତେଜନା ଯୋଗୁଁ ଏହି ପଥ ଦେଇ ଯୋଗାଣ ବାଧାପ୍ରାପ୍ତ ହେବାର ଭୟ ଥିଲା। ଭାରତୀୟ ନୌସେନା ଏବଂ ସରକାରଙ୍କ ସ୍ୱତନ୍ତ୍ର ରଣନୀତି ଯୋଗୁଁ ଏହା ୧୫ତମ ଜାହାଜ ଭାବେ ସୁରକ୍ଷିତ ଭାବେ ବାହାରିଛି। ଆଉ ଗୋଟେ ଖୁସି ଖବରଟି ହେଉଛି ଗ୍ୟାସ୍ ଦରକୁ ନେଇ। ଗତ କିଛି ଦିନ ହେବ ଚର୍ଚ୍ଚା ହେଉଥିଲା ଯେ ଅନ୍ତର୍ଜାତୀୟ ଚାପ ଯୋଗୁଁ ଘରୋଇ ଗ୍ୟାସ ସିଲିଣ୍ଡରର ଦାମ୍ ବୃଦ୍ଧି ପାଇପାରେ। କିନ୍ତୁ ବର୍ତ୍ତମାନର ସୂଚନା ଅନୁଯାୟୀ, ତୈଳ କମ୍ପାନୀଗୁଡିକ ସିଲିଣ୍ଡର ଦରରେ କୌଣସି ବୃଦ୍ଧି କରିନାହାନ୍ତି। ବର୍ତ୍ତମାନ ପାଇଁ ୧୯ କେଜି କମର୍ସିଆଲ ସିଲିଣ୍ଡର ପୁରୁଣା ଦରରେ ହିଁ ଉପଲବ୍ଧ ହେଉଛି। ଯଦି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଏବଂ ଗ୍ୟାସ ଦର ସ୍ଥିର ରହେ, ତେବେ ଆଗାମୀ ଦିନରେ ଦର କମିବାର ସମ୍ଭାବନା ମଧ୍ୟ ରହିଛି।

ଗ୍ଲୋବାଲ ପେଟ୍ରୋଲ ପ୍ରାଇସେସ୍‌ର ତଥ୍ୟ ଅନୁଯାୟୀ, ବିଶ୍ୱ ବଜାରରେ ଏଲପିଜିର ହାରାହାରି ମୂଲ୍ୟ ୮୬.୧୯ ଟଙ୍କା ପ୍ରତି ଲିଟର ରହିଥିବା ବେଳେ ଭାରତୀୟ ବଜାରରେ ଏହା ହାରାହାରି ୬୬.୭୩ ଟଙ୍କା ରହିଛି। ଅର୍ଥାତ୍ ବିଶ୍ୱର ଅନେକ ବିକଶିତ ଦେଶ ତୁଳନାରେ ଭାରତରେ ଏବେ ମଧ୍ୟ ଏଲପିଜି ମୂଲ୍ୟ ନିୟନ୍ତ୍ରଣରେ ଅଛି। ସରକାର ଏବଂ ତୈଳ କମ୍ପାନୀଗୁଡ଼ିକ ସୁନିଶ୍ଚିତ କରିଛନ୍ତି ଯେ ଦେଶରେ ଗ୍ୟାସର କୌଣସି ଅଭାବ ହେବ ନାହିଁ। 'ଏମଭି ସନସାଇନ୍' ଭାରତରେ ପହଞ୍ଚିବା ପରେ ଷ୍ଟକ୍ ସ୍ଥିତି ଆହୁରି ମଜଭୁତ ହେବ, ଯାହା ଫଳରେ ଗ୍ରାହକମାନେ କୌଣସି ଆତଙ୍କିତ ନହୋଇ ସହଜରେ ଗ୍ୟାସ ପାଇପାରିବେ।

## ୟୁକ୍ରେନ ଉପରେ କ୍ଷେପଣାସ୍ତ୍ର ...

ବ୍ୟାପୀ ବାୟୁ ସତର୍କତା ଜାରି କରି ଚେତାବନୀ ଦେଇଛି ଯେ ରୁଷ ମିଗ୍-୩୧ ବୋମାବର୍ଷୀ ବିମାନ ମୁତୟନ କରିଛି। ଦେଶର ପ୍ରତ୍ୟେକ ଅଞ୍ଚଳ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ବିପଦରେ ଅଛି।

## ସରକାରଙ୍କ ୨ୟ ବର୍ଷ...

ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ। ଏଥିସହିତ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ଲୋକ କିଭଳି ଉପକୃତ ହେଉଛନ୍ତି ତା'ର ଚିତ୍ର ସର୍ବସାଧାରଣଙ୍କୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା। ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜନଶକ୍ତି ଓଡ଼ିଶା ଏବଂ କୌଶଳ ଓଡ଼ିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡ଼ିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ।

ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡ଼ିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଯୋଗଦେଇ ପାରନ୍ତି...

ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିବୁ। ସେ ସମୟ ସ୍ଥିର କରିବେ। ଏହା ସହ ସ୍ୱାମ୍ବାଦିକ ସମ୍ମିଳନୀରେ ରିପୋର୍ଟ କାର୍ଡ ସମ୍ପର୍କରେ ମନ୍ତ୍ରୀ ଆଉ ସଚିବ ସୂଚନା ଦେବେ। ସମସ୍ତ ମନ୍ତ୍ରୀମାନଙ୍କୁ ରିପୋର୍ଟ କାର୍ଡ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି ବୋଲି ସେ କହିଛନ୍ତି।

## ପୃଥିବୀର ଅତି ନିକଟ...

ପଥ ପୃଥିବୀର କକ୍ଷପଥକୁ ଅତିକ୍ରମ କରିଥାଏ। ନାସାର ଜେଟ୍ ପ୍ରୋପଲସନ୍ ଲାବୋରେଟୋରୀ ଏହାର ଗତିପଥ ଏବଂ ଉଜ୍ଜ୍ୱଳତା ଉପରେ କ୍ରମାଗତ ନଜର ରଖିଛି।

ଏହି ଗ୍ରହାଣୁ ପ୍ରାୟ ୫୦ ରୁ ୧୦୦ ଫୁଟ ଚଉଡ଼ା ବୋଲି ଅନୁମାନ କରାଯାଉଛି, ଯାହା ଏକ ବହୁତଳ ପ୍ରାସାଦ ସହ ସମାନ। ଏହାର ଓଜନ ଏତେ ଅଧିକ ଯେ, ଯଦି ଏହା ପୃଥିବୀର କୌଣସି ଜନବସତି ଅଞ୍ଚଳରେ ମାଡ଼ ହୁଏ, ତେବେ ଗୋଟିଏ ସମ୍ପୂର୍ଣ୍ଣ ସହରକୁ ମାଟିରେ ମିଶାଇ ଦେବାର କ୍ଷମତା ରଖିଛି। ତେବେ ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ଭୟଭୀତ ହେବାର କୌଣସି କାରଣ ନାହିଁ। କମ୍ପ୍ୟୁଟର ସିମୁଲେସନ୍ ଅନୁଯାୟୀ, ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ଏହି ଆଷ୍ଟେରଏଡରୁ ପୃଥିବୀ ପ୍ରତି କୌଣସି ବିପଦ ନାହିଁ।

# ଟାଟାଷ୍ଟିଲ୍ ପକ୍ଷରୁ ଜନଜାତି ଐତିହ୍ୟ ସଂରକ୍ଷଣ ପାଇଁ 'ସମ୍ବାଦ ଫେଲୋସିପ୍'ର ଶୁଭାରମ୍ଭ



**ଯାଜପୁର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ସଂସ୍କୃତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଗୋବରଘାଟି ଫେଜ୍-୨ ସ୍ଥିତ ଆଦିବାସୀ ୟୁଥ କ୍ଲବ୍‌ଠାରେ 'ସମ୍ବାଦ ଫେଲୋସିପ୍'ର ୧୦ମ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଯାଜପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ପରମ୍ପରାକୁ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଟାଟାଷ୍ଟିଲ୍ କଳିଙ୍ଗନଗରର ପୁନର୍ବାସ ଓ ଥଇଥାନ ବିଭାଗ ମୁଖ୍ୟ ରଶ୍ମିରଞ୍ଜନ ନାୟକ ଏବଂ ଟିଏସଏଫ କଳିଙ୍ଗନଗରର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଟାଟାଷ୍ଟିଲ୍ ଓ ଟିଏସଏଫର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ଭାଷା ଶିକ୍ଷକ, ସମ୍ବାଦ ଫେଲୋ ଏବଂ ପୂର୍ବତନ ସଦସ୍ୟ, ନୀଳାଚଳ ଇସ୍ପାତ ନିଗମର ପ୍ରତିନିଧି ଏବଂ କଳିଙ୍ଗନଗର ୱାର୍କିଂ କମିଟିର ସଦସ୍ୟଙ୍କ ସମେତ ପ୍ରାୟ ୧୨୦ ଜଣ କମ୍ୟୁନିଟି ମେମ୍ବର ଅଂଶଗ୍ରହଣ କରିଥିଲେ।

ଏହି ଶୁଭାରମ୍ଭର ଅଂଶବିଶେଷ ସ୍ୱରୂପ, ଦାନଗଦି, ବ୍ରାହ୍ମଣୀପାଳ ଏବଂ ସୁକିନ୍ଦା ଅଞ୍ଚଳର ୨୪ଟି ପଞ୍ଚାୟତରୁ ୧୮ ରୁ ୩୫ ବର୍ଷ ବୟସ୍କ ଜନଜାତି ଯୁବବର୍ଗ ଏକତ୍ରିତ ହୋଇ ନିଜର ସମୃଦ୍ଧ ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ଏକ ଜୀବନ୍ତ ପରମ୍ପରା ଭାବେ ବଞ୍ଚାଇ ରଖିବାର ଚିନ୍ତାଧାରା ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିଥିଲେ ।

୨୦୧୭ ମସିହାରେ ଆରମ୍ଭ ହୋଇଥିବା 'ସମ୍ବାଦ ଫେଲୋସିପ୍', ବିଲୁପ୍ତ ହେବାର ଆଶଙ୍କା ଥିବା ଜନଜାତି ଭାଷା, ପରମ୍ପରା ଏବଂ ସାଂସ୍କୃତିକ ପ୍ରଥାଗୁଡ଼ିକର ଦସ୍ତାବିଜ୍ ପ୍ରସ୍ତୁତ ତଥା ସୁରକ୍ଷା ପାଇଁ ଜନଜାତି ଯୁବବର୍ଗଙ୍କୁ ସହାୟତା ପ୍ରଦାନ କରିଆସୁଛି । ଏହି ଫେଲୋସିପ୍ ଆର୍ଥିକ ସହାୟତା, ମାର୍ଗଦର୍ଶନ ଏବଂ କମ୍ୟୁନିଟି -ଭିତ୍ତିକ ଗବେଷଣା ତଥା ଦସ୍ତାବିଜ୍ ପ୍ରସ୍ତୁତି ପାଇଁ ସୁଯୋଗ ପ୍ରଦାନ କରିଆସୁଛି । ବିଗତ ନଅଟି ସଂସ୍କରଣ ମଧ୍ୟରେ ସଂବାଦ ଫେଲୋସିପ୍ ସମଗ୍ର ଭାରତରେ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେବାରେ ସକ୍ଷମ ହୋଇଛି, ଯେଉଁଥିରେ ବିଲୁପ୍ତପ୍ରାୟ ଜନଜାତି ଭାଷାଗୁଡ଼ିକର ସଂରକ୍ଷଣ, ଲୋକଗୀତ, ନୃତ୍ୟ, ପାରମ୍ପରିକ ଖେଳ, ଔଷଧୀୟ ଜ୍ଞାନ, ପାରମ୍ପରିକ ଖାଦ୍ୟ ପ୍ରଣାଳୀର ଦସ୍ତାବିଜ୍ ପ୍ରସ୍ତୁତି ଏବଂ ଜନଜାତି ଲୋକକଥା ଉପରେ ଆଧାରିତ ଶିଶୁ ସାହିତ୍ୟର ସୃଷ୍ଟି ଅନ୍ତର୍ଭୁକ୍ତ । ଗତ ୧୦ ବର୍ଷ ମଧ୍ୟରେ, ଏହି ଫେଲୋସିପ୍ ୬୪ ଜଣ ଫେଲୋଙ୍କୁ ସହାୟତା ପ୍ରଦାନ କରିବା ସହ ୩୪ ଟି ସାହିତ୍ୟିକ ରଚନା, ୩୨ ଟି ସଙ୍ଗୀତ, ୧୧ ଟି ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଦୁଇଟି ସ୍ଥାନୀୟ ଅଞ୍ଚଳର ଐତିହ୍ୟ ଅନୁଷ୍ଠାନ ଗଠନରେ ସହାୟକ ହୋଇଛି, ଯାହା ଭାରତର ବିଭିନ୍ନ ଜନଜାତି ଐତିହ୍ୟର ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ସଂବାଦ ଫେଲୋସିପ୍ ଜନଜାତିର ଅଭ୍ୟାସକାରୀ, ଗବେଷକ, କଳାକାର ଏବଂ ସାଂସ୍କୃତିକ ନେତୃବୃନ୍ଦଙ୍କୁ ସମର୍ଥନ ଜଣାଇ ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ଜୀବନ ମଧ୍ୟରେ ଥିବା ଦୂରତାକୁ ଦୂର କରିବାକୁ ଚେଷ୍ଟା କରୁଛି।

# କଟକ ଡିଜି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଗୁରୁବାର କଟକରେ ଡିଜି ଅଫିସ୍ ସାମ୍ନାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାରରେ ହିଂସା ବଢୁଛି, ଦେଶରେ ଓଡ଼ିଶା ଲଜ୍ଜିତ ହେଉଛି। ଡବଲ୍ ଇଞ୍ଜିନ ସରକାର ଆସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ବାଲିଅନ୍ତାଠାରୁ ନୟାଗଡ଼ ପର୍ଯ୍ୟନ୍ତ ପ୍ରତିଦିନ ହତ୍ୟା, ଲୁଟ୍ ତରାଜ ଓ ନାରୀ ନିର୍ଯାତନା ଭଳି ଜଘନ୍ୟ କାଣ୍ଡ ଘଟିଚାଲିଛି। ଏହାକୁ ନେଇ ଶାନ୍ତିପ୍ରିୟ ଓଡ଼ିଶାକୁ ଅପରାଧର ଗଡ଼ରେ ପରିଣତ କରିବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଉଛି ତାହାକୁ କେବେ ସଫଳ କରିବାକୁ ଦିଆଯିବ ନାହିଁ। ଏହି ବିକ୍ଷୋଭ ସମାବେଶରେ ବିଜେଡି ନେତା ପ୍ରତାପ ଜେନା , ସିଏମସି ମେୟର ସୁବାସ ସିଂ, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତର ପ୍ରଦେଶରେ ଝଡ଼-ବର୍ଷାରେ ମୃତ୍ୟୁ ଘଟଣା: ନବୀନଙ୍କ ଶୋକ ପ୍ରକାଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳ ନେତା ଏବଂ ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଉତ୍ତର ପ୍ରଦେଶରେ ଝଡ଼-ବର୍ଷା କାରଣରେ ଘଟିଥିବା ଜୀବନ ହାନି ଉପରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ପଟ୍ଟନାୟକ ଏହି ଦୁର୍ଘଟଣାକୁ ଅତ୍ୟନ୍ତ ବେଦନାଦାୟକ ବୋଲି କହି ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କ ପରିବାର ପ୍ରତି ତାଙ୍କର ଗଭୀର ସହାନୁଭୂତି ରହିଛି। ଏହାସହିତ ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କ ଶୀଘ୍ର ସୁସ୍ଥ ହେବା ପାଇଁ ସେ ପ୍ରାର୍ଥନା କରିଛନ୍ତି।

# ପୋଲିସ୍ କମିଶନରେଟ୍ ପରିଦର୍ଶନ କଲେ ୧୨ ଟ୍ରେନି ଆଇପିଏସ୍ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏସଭିପିଏନପିଏ , ହାଇଦ୍ରାବାଦର ୪୮ତମ ଆଇପିଏସ୍ ଇଣ୍ଡକ୍ସନ ଟ୍ରେନିଂ କୋର୍ସର ୧୨ ଜଣ ପ୍ରଶିକ୍ଷାର୍ଥୀ (୧୧ ପୁରୁଷ ଓ ୧ ମହିଳା ଟେନି ଆଇପିଏସ୍ ଅଧିକାରୀ) ଗୁରୁବାର ଦିନ ଭୁବନେଶ୍ୱର-କଟକ ପୋଲିସ୍ କମିଶନରେଟ୍ ପରିଦର୍ଶନ କରିଛନ୍ତି। ସେମାନେ ପୋଲିସ୍ କମିଶନର ସୁରେଶ ଦେବ ଦତ ସିଂହଙ୍କୁ ସାକ୍ଷାତ କରିଥିଲେ ଏବଂ ଅତିରିକ୍ତ ଡିସିପ ସ୍ୱରାଜ ଦେବତାଙ୍କ ସହ କମିଶନରେଟ୍ ପୋଲିସ୍ ସିଷ୍ଟମ୍ ବିଷୟରେ ବିସ୍ତୃତ ଜ୍ଞାନ ଆହରଣ କରିଥିଲେ।

# ଏଣିକି ଗୋଟିଏ ଗାଡି ବ୍ୟବହାର କରିବେ କେ ଭି ସିଂହଦେଓ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାଇଲଟ ଭ୍ୟାନ ଫେରାଇଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ। ଏଣିକି ମାତ୍ର ଗୋଟିଏ ଗାଡି କରିବେ ବ୍ୟବହାର। ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ପେଟ୍ରୋଲ ଡିଜେଲ ଗାଡି କମ୍ ବ୍ୟବହାର କରିବା ପାଇଁ ଏବଂ ବ୍ୟାଟେରୀ ଗାଡି ଚଢ଼ିବା ପାଇଁ। ଇଭି ନଥିବାରୁ ମୁଁ ହାଇବ୍ରିଡ଼ ଗାଡି ଚଢୁଛି। ଯାହା ସହରରେ ବ୍ୟାଟେରୀ ଏବଂ ଗ୍ରାମାଂଚଳ ଲମ୍ବା ଯାତ୍ରା ବେଳେ ପେଟ୍ରୋଲରେ ଚାଲିବ। ମୁଖ୍ୟମନ୍ତ୍ରୀ ମଧ୍ୟ କାରକେଡରୁ ୫୦ ପ୍ରତିଶତ ହ୍ରାସ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ସମସ୍ତେ ଗ୍ରହଣ କରିବା ଉଚିତ।

# ଭୁବନେଶ୍ୱରରେ ପେଟ୍ରୋଲ-ଡିଜେଲର କୌଣସି ଅଭାବ ନାହିଁ: ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆମେରିକା-ଇରାନ ସଂଘର୍ଷକୁ ନେଇ ସୃଷ୍ଟି ହୋଇଥିବା ଆଶଙ୍କା ମଧ୍ୟରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଓ ଡିଜେଲ କିଣିବାକୁ ଲୋକମାନଙ୍କ ମଧ୍ୟରେ ଭିଡ଼ ଦେଖିବାକୁ ମିଳିଥିଲା। ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ ଲାଗିଥିଲା। ତେବେ ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନ ପକ୍ଷରୁ ଇନ୍ଧନ ଅଭାବ ସମ୍ପର୍କିତ ସମସ୍ତ ଗୁଜବକୁ ଖଣ୍ଡନ କରାଯାଇ ଲୋକଙ୍କୁ ଗୁଜବରେ ବିଶ୍ୱାସ ନ କରିବାକୁ ଅନୁରୋଧ କରାଯାଇଛି। ଆସୋସିଏସନର ସାଧାରଣ ସଚିବ ସଞ୍ଜୟ ଲାଠ ମାଧ୍ୟମମାନଙ୍କୁ କହିଛନ୍ତି ଯେ, ରାଜଧାନୀର ସମସ୍ତ ପ୍ରମୁଖ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ସେ ସ୍ୱୀକାର କରିଛନ୍ତି ଯେ, ହଠାତ୍ ଲୋକମାନଙ୍କ ଭିଡ଼ ବଢ଼ିଯିବା ଏବଂ ଆତଙ୍କିତ ଭାବେ ଇନ୍ଧନ କିଣିବା ଫଳରେ କିଛି ପେଟ୍ରୋଲ ପମ୍ପରେ ଅସ୍ଥାୟୀ ଭାବେ ଷ୍ଟକ୍ ଶେଷ ହୋଇଯାଇଥିଲା। ସମ୍ଭାବ୍ୟ ଅଭାବ ଭୟରେ ଲୋକମାନେ ଅଧିକ ସଂଖ୍ୟାରେ ପମ୍ପକୁ ଧାଇଁଯିବାରୁ କିଛି ଆଉଟଲେଟରେ ଦ୍ରୁତ ଗତିରେ ଇନ୍ଧନ ଶେଷ ହୋଇଥିବା ସେ କହିଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ଥିବା ସେ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ, ଆସନ୍ତାକାଲିଠାରୁ ଇନ୍ଧନର କୌଣସି ଅଭାବ ରହିବ ନାହିଁ। ଉପଭୋକ୍ତାମାନେ ପେଟ୍ରୋଲ ଓ ଡିଜେଲ ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଲାଠ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ପ୍ରତିକ ଆହ୍ୱାନ ପରେ ପେଟ୍ରୋଲ ଓ ଡିଜେଲ ବିକ୍ରିରେ ବୃଦ୍ଧି



ଘଟିଛି। କିଛି ଲୋକ ଏହାକୁ ଭୁଲ ଭାବରେ ବୁଝି ସମ୍ଭାବ୍ୟ ତୈଳ ସଙ୍କଟ ଭୟରେ ଅଧିକ ପେଟ୍ରୋଲ – ଡିଜେଲ କ୍ରୟ କରିବା ଆରମ୍ଭ କରିଥିବାରୁ ଗତ ତିନି ଦିନ ମଧ୍ୟରେ ପେଟ୍ରୋଲ କ୍ରୟ ପ୍ରାୟ ୫୦ ପ୍ରତିଶତ ବଢ଼ିଯାଇଛି। ସେ କହିଛନ୍ତି ଯେ, ଭୁବନେଶ୍ୱରର ୪୧ଟି ପେଟ୍ରୋଲ ପମ୍ପ ମଧ୍ୟରୁ କେବଳ ୩ରୁ ୪ଟି ଆଉଟଲେଟରେ ଅସ୍ଥାୟୀ ଭାବେ ଷ୍ଟକ୍ ଅଭାବ ଦେଖାଦେଇଛି। ଅତ୍ୟଧିକ ବିକ୍ରି କାରଣରୁ ଇନ୍ଧନ ପରିବହନ ଓ ପୁନଃ ଯୋଗାଣରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଲାଠ କହିଛନ୍ତି ଯେ, ରାତି ସୁଦ୍ଧା ନୂତନ ଇନ୍ଧନ ଷ୍ଟକ୍ ପହଂଚିବାର ସମ୍ଭାବନା ରହିଛି। ଭୁବନେଶ୍ୱରରେ କୌଣସି ଇନ୍ଧନ ସଙ୍କଟ କିମ୍ବା ଆତଙ୍କର ପରିସ୍ଥିତି ନଥିବା ସେ ସ୍ପଷ୍ଟ କରିଛନ୍ତି। ସେ ଲୋକମାନଙ୍କୁ ଗୁଜବରେ ବିଶ୍ୱାସ ନ କରିବା ସହ ପେଟ୍ରୋଲ ପମ୍ପରେ ଅନାବଶ୍ୟକ ଭିଡ଼ ନ କରିବାକୁ ଅନୁରୋଧ କରିଛନ୍ତି।

# ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ମାତୃ ଦିବସରେ ଜନଗଣନା ସଚେତନତା ପାଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ମାତୃଦିବସ ଓ ଜନଗଣନା ସଚେତନତା ପାଳନ ସମିତିର ୟୁନିଟ-୧ କାର୍ଯ୍ୟାଳୟ ପରିସରରେ ପାଳନ କାରାଯାଇଥିଲା। ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ, ମୁଖ୍ୟ ଅତିଥି ହେମନ୍ତ କୁମାର ସିଂ, ଯୁଗ୍ମ ନିର୍ଦ୍ଦେଶକ ସମ୍ମାନିତ ଅତିଥି ଲକ୍ଷ୍ମଣ ମୁଖି, ଉପ ନିର୍ଦ୍ଦେଶକ, ଜନଗଣନା ନିର୍ଦ୍ଦେଶାଳୟଙ୍କ ପରିଚୟ ପ୍ରଦାନ କରିଥିଲେ। ବିଗତ ପ୍ରାୟ ଦୁଇମାସ ମଧ୍ୟରେ ସମିତିର ଦିବଂଗତ ସଭ୍ୟ ମାନଙ୍କର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଗତ ଏପ୍ରିଲ ଓ ମେ' ମାସରେ ଜନ୍ମଗ୍ରହଣ ଓ ବିବାହ କରିଥିବା ସଭ୍ୟ ଓ ସଭ୍ୟାମାନଙ୍କୁ



ସେମାନଙ୍କ ଜନ୍ମ ଓ ବିବାହ ବାର୍ଷିକ ପାଳନ ଅବସରରେ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଗଠନ ସଂପାଦକ ଶ୍ରୀ ତ୍ରିପାଠୀ, ମା'ମାନଙ୍କୁ ପରିବାରର ଚଳନ୍ତି ଦେବୀ ରୂପେ ଅଭିହିତ କରି ସେମାନଙ୍କ ତ୍ୟାଗ ପାଇଁ ସେମାନେ ସମାଜରେ ନମସ୍ୟ ଓ ପୂଜନୀୟ ବୋଲି ପ୍ରକାଶ କରି ମାତୃ ଜାତିକୁ ଅଭିନନ୍ଦନ ଜଣାଇଥିଷଲ। ସଭାରେ ଯୋଗଦାନ କରିଥିବା ସମସ୍ତ ମା' ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ସିଂ ଓ ସମ୍ମାନିତ ଅତିଥି ଶ୍ରୀ ମୁଖି କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ଜନଗଣାନା ଉପରେ ତଥ୍ୟ ରଖି ଏଥିରେ ସମସ୍ତଙ୍କ ସହଯୋଗ କାମନା କରିବା ସହ, ସମିତି ଦ୍ୱାରା ପାଳନ କରାଯାଉଥିବା ଜନ୍ମ ଓ ବିବାହ ବାର୍ଷିକ ଓ ମାତୃ ଦିବସ ପାଳନ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ସମିତିର ବରିଷ୍ଠ ସଭ୍ୟ ଆଦିକନ୍ଦ ବିଶ୍ୱାଳଙ୍କ ଆତ୍ମଜୀବନୀ 'ସଂଘର୍ଷକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରାସକଳା ସାହୁ, ମନୋରମା ପଣ୍ଡା, ସ୍ୱର୍ଣ୍ଣଲତାପ୍ରଧାନ, ଦୋଳଗୋବିନ୍ଦ ପରିଡା, ରବିନ୍ଦ୍ର କୁମାର ପ୍ରଧାନ, ସମ୍ମାନିତ ଅତିଥି ଶ୍ରୀ ମୁଖି ମାତୃ ଦିବସ ଉପରେ କବିତା ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ପଣ୍ଡା ମାତୃ ଦିବସର ଓ ଜନଗଣନାର ମହତ୍ୱ ବର୍ଣ୍ଣନା କରିଥିଲେ। ଶ୍ରୀମତୀ ଉର୍ବାସିନୀ ତ୍ରିପାଠୀ, ଜୟଶ୍ରୀ ମହାପାତ୍ର, ବିଜୟ ଲକ୍ଷ୍ମୀ ଆଚାର୍ଯ୍ୟ, କବିତା ରାଣୀ ନାୟକ, ଲତିକା ପରିଡା, ମାନସ ବାଳା ସାମଲ, ପଦ୍ମିନୀ ପରିଡା, ତରଲତା ସାମଲ, ଅଳକା ଦାସ ଆଦି ଉପସ୍ଥିତ ଥିଲେ। ଉପସଭାପତି ସୁରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, କ୍ରୀଡା ସଂପାଦକ ସୁବେଶ କୁମାର ସାମଲ, ରବିନ୍ଦ୍ର କୁମାର ମହାପାତ୍ର, ହରିଶ୍ଚନ୍ଦ୍ର ସେଠ, ନିତ୍ୟାନନ୍ଦ ନାୟକ ଆଦି ସଭା ପରିଚାଳନାରେ ସହଯୋଗ କରିଥିଲେ। ସଂଗଠନ ସଂପାଦକ ଶ୍ରୀ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

